ସ୍ୱାଗତଂ ଓଡ଼ିଶା

# ଡୁମାଣୀ ଖବର

Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in • e-paper.dumanikhabar.in

DUMANI TV
Follow us:

ବର୍ଷ-୬ | ସଂଖ୍ୟା-୩୯ | ଗୁରୁବାର | ୦୧ ମେ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-39 | Thursday | 01 April 2025 | Bhubaneswar | Pages-8 | Rs. 2.00

## ରାଜ୍ୟସ୍ତରୀୟ କୃଷକ ଦିବସ ସମାରୋହ

# ଚାଷ କାର୍ଯ୍ୟ ଆରମ୍ଭ ଠାରୁ ଫସଲ ବିକ୍ରି ପର୍ଯ୍ୟନ୍ତ ସବୁ ସମୟରେ ଆମେ ଚାଷୀଙ୍କ ପାଖରେ ପହଞ୍ଚିବୁ : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୩୦।୪ (ଡିକେ ନ୍ୟୁଜ୍):** ବିଭିନ୍ନ କୃଷକ କଲ୍ୟାଣକାରୀ ଯୋଜନା ଯଥା -ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଫସଲ ବିବିଧିକରଣ ଓ ସମନ୍ୱିତ କୃଷି କାର୍ଯ୍ୟକ୍ରମ ଏବଂ ଶ୍ରୀଅନ୍ନ ଅଭିଯାନ ଭଳି ଅନେକ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ କରାଯାଇ ଚାଷୀ ମାନଙ୍କ ଅମଳ ଓ ରୋଜଗାର ବୃଦ୍ଧି ପାଇଁ ଉଦ୍ୟମ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଭୁବନେଶ୍ୱର ବରମୁଣ୍ଡା ଓୟୁଏଟି ଫାର୍ମ ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ କୃଷକ ଦିବସ ସମାରୋହ ଅବସରରେ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସି.ଏମ୍ କିଷାନ ଯୋଜନାରେ ରାଜ୍ୟର ୫୦,୧୬,୯୩୮ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ୪୯,୪୮୨ ସଂଖ୍ୟକ ଭୂମିହୀନ କୃଷି ପରିବାର ଏବଂ ୨,୩୮୨ ଜନଜାତି କୃଷକ ପରିବାରଙ୍କୁ ୨୦୨୫ ଖରିଫ ଫସଲ ଋତୁ ପାଇଁ ୧୦୨୫ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ସମୁଦାୟ ୫୧ ଲକ୍ଷ ଚାଷୀ ଏହି ସହାୟତା ରାଶି ପାଇଲେ। ଏଥିରେ ସହରାଂଚଳର ୨୫,୫୩୨ ଜଣ ଚାଷୀ ପ୍ରଥମ ଥର ପାଇଁ ଅନ୍ତର୍ଭୁକ୍ତ ହୋଇଛନ୍ତି। ଆଗୁଆ ସହାୟତା ପ୍ରଦାନ କରାଯାଉଥିବା ଯୋଗୁ ଏହି ରାଶି ରାଜ୍ୟର ଚାଷୀ ଭାଇ ମାନଙ୍କୁ କୃଷି କାର୍ଯ୍ୟ ନିମନ୍ତେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ସ୍ୱାଧୀନତା ସମୟରେ ଆମ ଦେଶର ପ୍ରାୟ ୩୩ କୋଟି ଜନତାଙ୍କୁ ଆମେ ଖାଦ୍ୟ ଦେବାରେ ଅସମର୍ଥ ଥିଲୁ। କିନ୍ତୁ, ଆଜି ଆମ ଦେଶ ଖାଦ୍ୟ ଶସ୍ୟ ତଥା ଅନ୍ୟ ଖାଦ୍ୟ ପଦାର୍ଥ ଉତ୍ପାଦନରେ ସ୍ୱାବଲମ୍ବୀ ହେବା ସହିତ କୃଷିଜାତ ସାମଗ୍ରୀ ରପ୍ତାନୀ ମଧ କରୁଛି। ବର୍ତ୍ତମାନ ଭାରତ କୃଷି ଏବଂ ଆନୁଷଙ୍ଗୀକ କୃଷି ଉତ୍ପାଦ ରପ୍ତାନୀ କରିବାରେ ଏକ ପ୍ରମୁଖ ରାଷ୍ଟ୍ର। ୨୦୧୪ ମସିହା ପରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଦାୟିତ୍ୱ ଗ୍ରହଣ କରିବା ପରଠୁ ଦେଶରେ କୃଷି ଓ କୃଷକ କଲ୍ୟାଣକୁ ଏକ ନୂତନ ଦଶା ଓ ଦିଶା ମିଳିଛି। ପ୍ରଧାନମନ୍ତ୍ରୀ କୃଷକ ସମ୍ମାନନୀଧି, ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା, କୃଷି ଭିତିଭୂମି ଆଦିର ବିକାଶ ପ୍ରଭୃତି କ୍ଷେତ୍ରରେ ଅଭୁତପୂର୍ବ ଅଗ୍ରଗତି ହୋଇଛି। ସେ ପୁଣି କହିଥିଲେ, ଆମ ରାଜ୍ୟର ୬୦ ପ୍ରତିଶତରୁ ଅଧିକ ଲୋକ କୃଷି ଓ ଆନୁଷଙ୍ଗୀକ କାର୍ଯ୍ୟ ଉପରେ ନିର୍ଭର କରିଥାନ୍ତି। ରାଜ୍ୟର ମୋଟ ଅଭିବୃଦ୍ଧିର ୨୨ ପ୍ରତିଶତ କୃଷି ଓ ଆନୁଷଙ୍ଗୀକ କ୍ଷେତ୍ରରୁ ଆସିଥାଏ। ଚାଷ ସହିତ ନିଜର ଅନୁଭୂତି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଚାଷ କାର୍ଯ୍ୟ କଠିନ ପରିଶ୍ରମର କାର୍ଯ୍ୟ। ଶସ୍ୟ ନିଅଣ୍ଟିଆ ରାଜ୍ୟରୁ ଶସ୍ୟ ବଳକା ରାଜ୍ୟରେ ପରିଣତ କରିଥିବାରୁ ମୁଖ୍ୟମନ୍ତ୍ରୀ ରାଜ୍ୟର ଚାଷୀ ଭାଇ ଭଉଣୀ ମାନଙ୍କ କଠିନ ପରିଶ୍ରମକୁ ପ୍ରଶଂସା କରିବା ସହିତ ଧନ୍ୟବାଦ ଦେଇଥିଲେ। ଜଳବାୟୁ ଅନୁକୂଳ କୃଷି କାର୍ଯ୍ୟ ଆପଣାଇବା ପାଇଁ ସେ ଚାଷୀ ଭାଇ ଭଉଣୀ ମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଆମ ସରକାର ଆସିବା ପରେ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ଆମେ ନିରନ୍ତର ଉଦ୍ୟମ ଜାରି ରଖିଛୁ। ପୂର୍ବ ସରକାର ଏମ.ଏସ୍.ପି ପାଇଁ କେବଳ ବିଧାନସଭାରେ ଏକ ରିଜୋଲ୍ୟୁସନ ଆଣି ଚୁପ୍ ରହିଗଲେ। ଆମେ କଥା ଦେଇଥିଲୁ, କଥା ରଖି ୩,୧୦୦ ଟଙ୍କା ଏମ.ଏସ୍.ପି ଦେଲୁ। ଚାଷୀଙ୍କ ପାଇଁ ଭାବନା ଭଲ ରହିବା ଉଚିତ୍। ସେତେବେଳେ ଇଛା ଶକ୍ତିର ଅଭାବ ଥିଲା, ଏବେ ଆମ ପାଖରେ ଚାଷୀଙ୍କ ଉନ୍ନତି ପାଇଁ ଇଛା ଶକ୍ତି ଅଛି। ଆଗାମୀ ପାଞ୍ଚ**ପୃଷ୍ଠା ୭ ଦେଖନ୍ତୁ...**

# ଜନଗଣନାରେ ଜାତିଗତ ଗଣନା ସାମିଲ ହେବ, କେନ୍ଦ୍ର କ୍ୟାବିନେଟ ଦେଲା ମଞ୍ଜୁରୀ

**ନୂଆଦିଲ୍ଲୀ, ୩୦।୪ (ହି.ସ):** କେନ୍ଦ୍ର ସରକାର ଆଗାମୀ ଜନଗଣନାରେ ଜାତି ଜନଗଣନାକୁ ଅନ୍ତର୍ଭୁକ୍ତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ରାଜନୈତିକ ବ୍ୟାପାର କ୍ୟାବିନେଟ କମିଟି ଆଜି ଏହାକୁ ଅନୁମୋଦନ କରିଛି । ବୁଧବାର ଜାତୀୟ ଗଣମାଧ୍ୟମ କେନ୍ଦ୍ରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ସରକାର ସାମାଜିକ ସନ୍ତୁଳନ, ସ୍ୱଛତା ଏବଂ ଜାତୀୟ ସ୍ୱାର୍ଥକୁ ଧ୍ୟାନରେ ରଖି ଏହି ନିଷ୍ପତି ନେଇଛନ୍ତି । ଆମେ ଭାବୁଛୁ ଯେ ଏହି ପଦକ୍ଷେପ ଦ୍ୱାରା ସମାଜ ଆର୍ଥିକ ଏବଂ ସାମାଜିକ ସ୍ତରରେ ସଶକ୍ତ ହେବ । ବୈଷ୍ଣବ ଅଭିଯୋଗ କରିଛନ୍ତି ଯେ, କଂଗ୍ରେସ ଏବଂ ଅନ୍ୟାୟ ବିରୋଧି ଦଳଗୁଡ଼ିକ ରାଜନୈତିକ ଲାଭ ପାଇଁ ଜାତି ଜନଗଣନାକୁ ଏକ ପ୍ରସଙ୍ଗ କରୁଛନ୍ତି । ସେ ସ୍ପଷ୍ଟ କରିଥିଲେ ଯେ, ସମ୍ବିଧାନର ଧାରା ୨୪୬ର ୟୁନିୟନ ତାଲିକାର କ୍ରମିକ ସଂଖ୍ୟା ୬୯ ଅଧିନରେ ଜନଗଣନା ଏକ କେନ୍ଦ୍ରୀୟ ବିଷୟ । ତଥାପି ଅନେକ ରାଜ୍ୟ ଜାତିଗତ ଜନଗଣନା କରିଛନ୍ତି । ସେମାନଙ୍କ ମଧ୍ୟରୁ କେତେକ ସ୍ୱଛତା ବଜାୟ ରଖିଥିବା ବେଳେ ଅନ୍ୟମାନେ ଏହାକୁ ରାଜନୀତିର ଏକ ମାଧ୍ୟମ କରିଥିଲେ, ଯାହା ସମାଜରେ ଦ୍ୱନ୍ଦ ସୃଷ୍ଟି କରିଥିଲା ।

# ଇନ୍‌ୱେକ୍ ଓମେନ୍ ବିଜନେସ୍ ମେଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୩୦।୪ (ଡିକେ ନ୍ୟୁଜ୍):** ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ଦ୍ୱାରା ଭୁବନେଶ୍ୱରର ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ଇନ୍‌ୱେକ୍ ଓମେନ୍ ବିଜନେସ୍ ମେଳାର ୧୦୦ ବର୍ଷ ପୂର୍ତି ସମାରୋହର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହି ମେଳାକୁ, 'ନାରୀ ଶକ୍ତିର ମହୋତ୍ସବ' ବୋଲି କହିବା ସହିତ ଓଡ଼ିଶାର ପ୍ରତିଟି ମହିଳା ନିଜ ଲାଗି ସ୍ୱପ୍ନ ଦେଖି ତାକୁ ସାକାର କରିବା ପାଇଁ ଦୃଢ଼ ଇଛାଶକ୍ତି ରଖିବା ଆବଶ୍ୟକ ବୋଲି କହିଛନ୍ତି । ଏହି ଅବସରରେ ସେ କହିଛନ୍ତିଯେ, ଇନ୍‌ୱେକ୍ ଓମେନ୍ ବିଜନେସ୍ ମେଳା କେବଳ ଓଡିଶା ନୁହେଁ ବରଂ ସାରା ଭାରତର ମହିଳା ମାନଙ୍କ ପାଇଁ ଉଦ୍ୟୋଗୀ ହେବା ପାଇଁ ପ୍ରେରଣା ପ୍ରଦାନ କରିବ । ଆମେ ନିକଟରେ, ଉତ୍କର୍ଷ ଓଡିଶା-ମେକ ଇନ ଓଡିଶା କନକ୍ଲେଭ, ସୁଭଦ୍ରା ଶକ୍ତି ମେଳା ଆୟୋଜନ କରିଥିଲୁ ଏବଂ ସେଥିରେ ମହିଳା ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ଆଉ ଆଜି ଆମେ ଏହି ମେଳାରେ ସେହି ବାସ୍ତବିକତାକୁ ଦେଖୁଛୁ ।ଅର୍ଥନୀତି କ୍ଷେତ୍ରରେ ମହିଳା ମାନଙ୍କ ଯୋଗଦାନ ରହିଛି ଏବଂ ସୁଭଦ୍ରା ଯୋଜନା ଓ ଲକ୍ଷପତି ଦିଦି ଯୋଜନାର ସଫଳତା ହିଁ ଏହାର ଜ୍ୱଳନ୍ତ ଉଦାହରଣ। ଆମ ସରକାର ପାଇଁ ମହିଳା ସଶକ୍ତୀକରଣ କେବଳ ଏକ ସ୍ଲୋଗାନ୍ ନୁହେଁ, ଏହା ଏକ ଆନ୍ଦୋଳନ, ଏକ ସଂକଳ୍ପ। ଓଡ଼ିଶାର ପ୍ରତିଟି ମହିଳା ନିଜ ଲାଗି ସ୍ୱପ୍ନ ଦେଖି ତାକୁ ସାକାର କରିବା ଏବଂ ଆତ୍ମବିଶ୍ୱାସର ସହ ନେତୃତ୍ୱ ଦେବା ପାଇଁ ଆଗେଇ ଆସିବା ଅତ୍ୟନ୍ତ ଆନନ୍ଦର ବିଷୟ। ଯେତେବେଳେ ମହିଳାମାନେ ଉନ୍ନତି କରନ୍ତି, ସମାଜ ସମୃଦ୍ଧ ହୁଏ ଏବଂ ଅର୍ଥନୀତି ବିକଶିତ ହୁଏ। ଆମ ମା', ଭଉଣୀ ଓ ଝିଅମାନଙ୍କର ସମାନ ଭାଗୀଦାରୀ ବିନା ଓଡ଼ିଶାର ପ୍ରଗତି ଅସମ୍ପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ। ସୁଭଦ୍ରା ଯୋଜନା କେବଳ ଏକ ଆର୍ଥିକ ସହାୟତା ନୁହେଁ, ଏହା ଅର୍ଥନୈତିକ ସ୍ୱାଧୀନତାର ବାର୍ତାବହ ଏବଂ୯୦ ପ୍ରତିଶତରୁ ଅଧିକ ମହିଳା ସୁଭଦ୍ରା ସହାୟତାର ସଦୁପଯୋଗ କରିଛନ୍ତି। ଆମେ ୨୦୨୭ ସୁଦ୍ଧା ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବା ଲକ୍ଷ୍ୟ ରଖିଛୁ । ତେବେ, ସମସ୍ତଙ୍କ ପାଇଁ ଖୁସିର ବିଷୟ ଯେ, ବର୍ତମାନ ସୁଦ୍ଧା ୧୭ ଲକ୍ଷ ମହିଳା ଲକ୍ଷପତି ଦିଦି ହୋଇସାରିଛନ୍ତି । ଲକ୍ଷପତି ଦିଦି ସୃଷ୍ଟି କରିବାରେ ଓଡ଼ିଶା ସାରା ଦେଶରେ ପ୍ରଥମ ସ୍ଥାନ ହାସଲ କରିଛି ବୋଲି ସେ କହିଥିଲେ। ସେ ପୁଣି କହିଥିଲେଯେ, ଆମେ ମହିଳା ଉଦ୍ୟୋଗୀମାନଙ୍କୁ ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବା ନିମନ୍ତେ ଦକ୍ଷତା ବିକାଶ, ବଜାର ସଂଯୋଗ ଏବଂ ଆର୍ଥିକ ପ୍ରବେଶରେ ନିବେଶ କରୁଛୁ ଏବଂ ଓଡ଼ିଶାକୁ ଓମେନ-ଲେଡ୍ ବିକାଶର ଏକ କେନ୍ଦ୍ର ଭାବେ ଗଢ଼ି ତୋଳିବାରେ **ପୃଷ୍ଠା ୭ ଦେଖନ୍ତୁ...**

## ଛୁଟି ଘୋଷଣା

ମଇ ୧ ଶ୍ରମିକ ଦିବସ ଉପଲକ୍ଷେ ଆମ 'ଡୁମାଣୀ ଖବର' କାର୍ଯ୍ୟାଳୟ ବନ୍ଦ ରହୁଥିବାରୁ ପରବର୍ତ୍ତୀ ସଂସ୍କରଣ ମଇ ୩ ତାରିଖରେ ପ୍ରକାଶ ପାଇବ।

-ପ୍ରକାଶକ

# ୧୪ରେ ଓସିଏସ୍ ଆନ୍ଥ୍ରୋପୋଲୋଜି ପରୀକ୍ଷା

**ଭୁବନେଶ୍ୱର, ୩୦।୪ (ହି.ସ):** ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ସିଭିଲ ସର୍ଭିସ୍ ସେବା ମେନ୍-୨୦୨୩ର ଆନ୍ଥ୍ରୋପୋଲୋଜି ପରୀକ୍ଷା ପୁଣି ଥରେ ହେବ। ଏହି ପରୀକ୍ଷା ଆସନ୍ତା ମଇ ୧୪ ତାରିଖରେ କରାଯିବ ବୋଲି ଓପିଏସ୍‌ସି କର୍ତୃପକ୍ଷ ତରଫରୁ ବିଜ୍ଞପ୍ତି ଜାରି କରାଯାଇଛି। ଓପିଏସ୍‌ସି ପକ୍ଷରୁ କୁହାଯାଇଛି ଯେ, ଆସନ୍ତା ୧୪ ତାରିଖ ଦିନ ଆନ୍ଥ୍ରୋପୋଲୋଜି ପାଇଁ ୨ଟି ପେପର ହେବ। ପ୍ରଥମ ପେପର ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧୨ଟା ଏବଂ ଦ୍ୱିତୀୟ ପେପର ଅପରାହ୍ନ ୨ଟାରୁ ୫ଟା ଯାଏଁ ହେବ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଗତ ୨୭ ତାରିଖ ଦିନ ସିଭିଲ ସର୍ଭିସ୍ ସେବା ମେନ୍-୨୦୨୩ର ଆନ୍ଥ୍ରୋପୋଲୋଜିର ୨ଟି ପେପର ଥିଲା। ମାତ୍ର ପ୍ରଥମ ପେପର ପରୀକ୍ଷାରେ କିଛି ପ୍ରଶ୍ନ ଦ୍ୱିତୀୟ ପେପରରୁ ଆସିଥିଲା। ଦ୍ୱିତୀୟ ପେପର ପରୀକ୍ଷାରେ ପ୍ରଥମ ପେପର କିଛି ପ୍ରଶ୍ନ ଆସିଥିବା ନେଇ ପରୀକ୍ଷାର୍ଥୀ ଅଭିଯୋଗ କରିଥିଲେ।

# କୋଲକାତାରେ ହୋଟେଲରେ ଲାଗିଲା ନିଆଁ : ୧୫ ମୃତ

**କୋଲକାତା, ୩୦।୪ (ହି.ସ):** ମହାନଗରର ମେଛୁଆ ବଜାର ସ୍ଥିତ ହୋଟେଲ ଋତୁରାଜରେ ମଙ୍ଗଳବାର ରାତିରେ ନିଆଁ ଲାଗିବା କାରଣରୁ ୧୫ଜଣ ଲୋକଙ୍କ ମୃତ୍ୟୁ ହୋଇଛି । ଏହି ସମୟରେ ୭ଜଣ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି । ସୂଚନା ମିଳିବା ମାତ୍ରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଫୋନ ଜରିଆରେ ଅଘଟଣ ସଂପର୍କରେ ପଚାରି ବୁଝିଥିଲେ ।ସେ କୋଲକାତା ପୋଲିସ କମିଶନର ଓ ମେୟରଙ୍କୁ ପୀଡିତଙ୍କ ସହାୟତା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ନିଆଁରେ ପୋଡି ହୋଇଥିବା ଲୋକଙ୍କୁ କୋଲକାତା ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିବାକୁ ସେ ପରାମର୍ଶ ଦେଇଛନ୍ତି ।ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ, ମଙ୍ଗଳବାର ରାତି ପ୍ରାୟ ସାଢେ ୮ଟା ବେଳେ ହୋଟେଲ ଋତୁରାଜରେ ନିଆଁ ଉଠୁଥିବାର ଦେଖାଯାଇଥିଲା । ଏହାପରେ ଦମକଳ **ପୃଷ୍ଠା ୭ ଦେଖନ୍ତୁ...**

ସତ୍ୟମେବ ଜୟତେ



ମଇ ଦିବସ-୨୦୨୫ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

'ମଇ ଦିବସ' ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ନିଜ ନିଜ ପରିସରରେ ପ୍ରତ୍ୟେକ ନିଷ୍ଠାପର ଭାବେ କର୍ମ କରି ନିଜ ପାଇଁ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର କାରଣ ହେବା ସହିତ ଏକ ବିକଶିତ ଓଡ଼ିଶା–ବିକଶିତ ଭାରତ ଗଠନ ଦିଗରେ ଅବଦାନ ରଖିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମ୍ପାଟି)

OIPR-15001/13/0622/2526

DADLS-19



ଶ୍ରମିକ ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ଓଡ଼ିଶାର ଶ୍ରମିକ ଭାଇଭଉଣୀ ମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି । ଶ୍ରମ ହିଁ ସମୃଦ୍ଧିର ମୂଳଭିତ୍ତି । ଶ୍ରମିକ ସମାଜର ସର୍ବାଙ୍ଗୀନ ଉନ୍ନତି, କଲ୍ୟାଣ ତଥା ଅଧିକାରର ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ । ଆସନ୍ତୁ, ସମସ୍ତ ବର୍ଗର ଶ୍ରମିକ ମାନଙ୍କ କଲ୍ୟାଣ ନିମନ୍ତେ ଆମର ଉଦ୍ୟମ ଜାରି ରଖିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଆଇଡିବିଆଇ ବ୍ୟାଙ୍କ ଲିମିଟେଡର ତ୍ୱାଇଟିଡି ଆଧାରରେ ଲାଭରେ ୩୩% ବୃଦ୍ଧି

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ଫଳାଫଳ ଘୋଷଣା କରାଯାଇଛି। ଏହି ଅବଧିରେ ବ୍ୟାଙ୍କର ଶୁଦ୍ଧ ଲାଭ ୨୦୫୧ କୋଟି ଟଙ୍କା ରହିଥିବା ବେଳେ ବ୍ୟାଙ୍କ ବାର୍ଷିକ ଆଧାରରେ ୨୬%ର ମଜବୁତ ଅଭିବୃଦ୍ଧି ହାସଲ କରିଛି। ୪ର୍ଥ ତ୍ରୈମାସିକରେ ବ୍ୟାଙ୍କର ପରିଚାଳନାଗତ ଲାଭ ୩୧୯୫ କୋଟି ଟଙ୍କା ରହିଛି। ସେହିପରି ଏନଆଇଏମ ୪% ଓ ଶୁଦ୍ଧ ସୁଧ ଆୟ ୩୨୯୦ କୋଟି ଟଙ୍କା ରହିଛି। ଆଲୋଚ୍ୟ ତ୍ରୈମାସିକରେ କଷ୍ଟ୍ ଅଫ୍ ଡିପୋଜିଟ ୪.୮୩% ରହିଛି ଯାହା ୨୦୨୩- ୨୪ ଆର୍ଥିକ ବର୍ଷର ସମାନ ଅବଧିରେ ୪.୪୮% ଥିଲା। ସିଆରଏଆର ୨୫.୦୫% ରହିଥିବା ବେଳେ ବାର୍ଷିକ ଆଧାରରେ ଏହା ୨୭୯ ବିପିଏସ୍ ବୃଦ୍ଧି ପାଇଛି। ଏହି ୪ର୍ଥ ତ୍ରୈମାସିକରେ ରିଟର୍ଣ୍ଣ ଅନ୍ ଆସେଟ୍ସ (ଆରଓଏ) ୨୯ ବିପିଏସ୍ ବୃଦ୍ଧି ହୋଇ ୨.୧୧% ରହିଛି ଯାହା ଗତ ଆର୍ଥିକ ବର୍ଷର ସମାନ ତ୍ରୈମାସିକରେ ୧.୮୨% ଥିଲା। ରିଟର୍ଣ୍ଣ ଅନ୍ ଇକ୍ୱିଟି (ଆରଓଇ) ୨୦.୪୦% ରହିଛି ଯାହା ବାର୍ଷିକ ୬୫ ବିପିଏସ୍ ବୃଦ୍ଧି ହୋଇଛି। ବ୍ୟାଙ୍କର ଶୁଦ୍ଧ ଏନ୍‌ପିଏ, ମାର୍ଚ୍ଚ ୩୧, ୨୦୨୪ର ୦.୩୪%ରୁ ୦.୧୫%କୁ ହ୍ରାସ ପାଇଛି। ମୋଟ ଏନ୍‌ପିଏ ୨.୯୮%କୁ ହ୍ରାସ ହୋଇଛି ଯାହା ମାର୍ଚ୍ଚ ୩୧, ୨୦୨୪ରେ ୪.୫୩% ଥିଲା। ୪ର୍ଥ ତ୍ରୈମାସିକରେ ପିସିଆର ୯୯.୪୮% ରହିଛି ଯାହା ମାର୍ଚ୍ଚ ୩୧ ତାରିଖ ୨୦୨୪ରେ ୯୯.୦୯% ରହିଥିଲା।

# କ୍ରେଡାଇ ଓଡ଼ିଶା ହୋମ୍ ଆଣ୍ଡ ଡେକୋର ଏକ୍ସପୋ ୨୦୨୫ ସଫଳତାର ସହ ଶେଷ




**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ଗୃହ ନିର୍ମାଣ ଓ ଆଭ୍ୟନ୍ତରୀଣ ଡିଜାଇନ୍ କ୍ଷେତ୍ରରେ ଉଦ୍ଭାବନ ଓ ଉତ୍କର୍ଷତାର ୧୦ ଦିନିଆ ଉତ୍ସବର ସମାପନ ଅବସରରେ କ୍ରେଡାଇ ଓଡ଼ିଶାର ଫ୍ଲାଗସିପ୍ କାର୍ଯ୍ୟକ୍ରମ ହୋମ୍ ଆଣ୍ଡ ଡେକୋର ଏକ୍ସପୋ-୨୦୨୫ ଆଜି ଏକ ଭବ୍ୟ ସମାପନୀ ସମାରୋହରେ ଶେଷ ହୋଇଛି। ଏପ୍ରିଲ ୨୦ରୁ ୨୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ଏକ୍ସପୋରେ ୧୫,୦୦୦ରୁ ଅଧିକ ଦର୍ଶକଙ୍କ ସମାଗମ ହୋଇଥିଲା, ଯେଉଁଥିରେ ଘର କ୍ରେତା, ରିଅଲ ଇଷ୍ଟେଟ୍ ନିବେଶକ, ଆର୍କିଟେକ୍ଟ ଏବଂ ଡିଜାଇନ୍ ପ୍ରେମୀ ସାମିଲ ଥିଲେ। ଏହି ପ୍ରଦର୍ଶନୀ ଆଗାମୀ ଆବାସିକ ପ୍ରକଳ୍ପ ଏବଂ ବିଭିନ୍ନ ଘର ଏବଂ ସଜ୍ଜା ସମାଧାନ ପ୍ରତି ଗୁରୁତ୍ୱପୂର୍ଣ୍ଣ ଆଗ୍ରହ ସୃଷ୍ଟି କରିଥିଲା । ଅଗ୍ରଣୀ ବିଲଡର, ବ୍ୟାଙ୍କ, ବିଲ୍ଡିଂ ମ୍ୟାଟେରିଆଲ ଯୋଗାଣକାରୀ, ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ, ଇଣ୍ଟେରିୟର ଡିଜାଇନର ଏବଂ ଟାଇଲ ନିର୍ମାତାମାନଙ୍କୁ ଏକାଠି କରି ଏହି ଏକ୍ସପୋ ଅତ୍ୟାଧୁନିକ ଜ୍ଞାନକୌଶଳ ଏବଂ ସ୍ଥାୟୀ ବିଲ୍ଡିଂ ସମାଧାନ ପ୍ରଦର୍ଶନ କରିବା ପାଇଁ ଏକ ଗତିଶୀଳ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିଥିଲା। ଇଣ୍ଟରଆକ୍ଟିଭ୍ ଅଧିବେଶନ, ବିଶେଷଜ୍ଞ ପ୍ୟାନେଲ ଏବଂ ଟ୍ରେଣ୍ଡ ଆଲୋଚନା ଅଂଶଗ୍ରହଣକାରୀଙ୍କ ପାଇଁ ଅଭିଜ୍ଞତାକୁ ଆହୁରି ସମୃଦ୍ଧ କରିଥିଲା। କାର୍ଯ୍ୟକ୍ରମରେ କ୍ରେଡାଇର ଅଧକ୍ଷ ଡିଏସ୍ ତ୍ରିପାଠୀ, ସଭାପତି ସ୍ୱଦେଶ କୁମାର ରାଉତରାୟ, ଉପସଭାପତି ଉମେଶ ଖଣ୍ଡେଲୱାଲ, ସମ୍ପାଦକ ଅନିଲ କୁମାର ଅଗ୍ରୱାଲ, କାର୍ଯ୍ୟନିର୍ବାହୀ ସଦସ୍ୟ କଳିଙ୍ଗ କେଶରୀ ରଥ, କ୍ରେଡାଇ ବାଲେଶ୍ୱର ସଭାପତି ବିଭୁ ଚନ୍ଦନ ଜେନା, କ୍ରେଡାଇ ଓଡ଼ିଶାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମନୋଜ କୁମାର ନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ସଫଳତାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ କଟକ ବିଧାୟକ ସୋଫିଆ ଫିରଦୌସଙ୍କ ଉପସ୍ଥିତି, ପ୍ରଦର୍ଶକ ଓ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କ ସମର୍ଥନ ଓ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା। ଏହି ଏକ୍ସପୋ କେବଳ ବ୍ୟବସାୟ ପାଇଁ ନୁହେଁ; ଏହା ହେଉଛି ସ୍ୱପ୍ନ ନିର୍ମାଣ ବିଷୟରେ । ଏଭଳି ଜବରଦସ୍ତ ପ୍ରତିକ୍ରିୟା ଦେଖି ଆମେ ଆନନ୍ଦିତ ଏବଂ ଉଦ୍ଭାବନ ଓ ସହଯୋଗ ମାଧ୍ୟମରେ ଓଡ଼ିଶାର ଗୃହ ନିର୍ମାଣ ଓ ଭିତ୍ତିଭୂମି କ୍ଷେତ୍ରର ଅଭିବୃଦ୍ଧିରେ ଯୋଗଦାନ କରିବାକୁ ଆଶା ରଖିଛୁ। ଏହାର ବିପୁଳ ଜନସମାଗମ ଏବଂ ଉତ୍ସାହଜନକ ଅଂଶଗ୍ରହଣ ସହିତ ହୋମ୍ ଆଣ୍ଡ ଡେକୋର ଏକ୍ସପୋ ୨୦୨୫ ରିଅଲ ଇଷ୍ଟେଟ୍ କ୍ଷେତ୍ରରେ ଅଭିନବତା, ସହଯୋଗ ଏବଂ ସମାବେଶୀ ଅଭିବୃଦ୍ଧି ଦିଗରେ ଓଡ଼ିଶାର ପ୍ରତିବଦ୍ଧତାର ଏକ ଜ୍ୱଳନ୍ତ ଉଦାହରଣ ଭାବେ ଉଭା ହୋଇଛି।

# ଏଟିଏମ୍‌ରୁ ମିଳିବ ୧୦୦ ଓ ୨୦୦ ଟଙ୍କିଆ ଛୋଟ ନୋଟ୍ : ଆର୍‌ବିଆଇ



**ନୂଆଦିଲ୍ଲୀ,(ହି.ସ.):** ଆଗକୁ ଏଟିଏମ୍‌ଗୁଡ଼ିକରେ ଅଧିକ ଛୋଟ ନୋଟ୍ ମିଳିବ। ୧୦୦ ଏବଂ ୨୦୦ ଟଙ୍କିଆ ନୋଟ୍ ଅଧିକ ମାତ୍ରାରେ ଉପଲବ୍ଧ କରାଇବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ସମସ୍ତ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ଆରବିଆଇ ପକ୍ଷରୁ ବ୍ୟାଙ୍କଗୁଡ଼ିକୁ କୁହାଯାଇଛି ଯେ, ଏଟିଏମ୍‌ରେ ଅଧିକରୁ ଅଧିକ ଛୋଟ ମୂଲ୍ୟାଙ୍କ ନୋଟ୍ ରଖାଯାଉ, ଯାହାଦ୍ୱାରା ଗ୍ରାହକଙ୍କ ଚିନ୍ତା ଦୂର ହେବ। ଏବେ ଏଟିଏମ୍‌ରୁ ଅଧିକ ମାତ୍ରାରେ ୫୦୦ ଟଙ୍କିଆ ନୋଟ୍ ବାହାରୁଛି। ଏଭଳି ସ୍ଥିତିରେ ଲୋକେ ଅସନ୍ତୁଷ୍ଟ। କାରଣ ଅଧିକାଂଶ ଲୋକଙ୍କୁ ଲୋଡ଼ା ୧୦୦ ଏବଂ ୨୦୦ ଟଙ୍କିଆ ନୋଟ୍। ଅଧିକ ଛୋଟ ମୂଲ୍ୟ ନୋଟ୍ ଉପଲବ୍ଧ କରାଇବା ପାଇଁ ଆରବିଆଇ ପକ୍ଷରୁ ସମସ୍ତ ବ୍ୟାଙ୍କ ଏବଂ ହ୍ୱାଇଟ୍ ଲେବଲ୍ ଏଟିଏମ୍ ଅପରେଟରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ଆରବିଆଇ ଡେଡ୍‌ଲାଇନ୍ ବି ଜାରି କରିଛି। ରିଜର୍ଭ ବ୍ୟାଙ୍କ୍‌ର ନିର୍ଦ୍ଦେଶାନୁସାରେ, ୨୦୨୫ ସେପ୍ଟେମ୍ବର ୩୦ ସୁଦ୍ଧା ୭୫% ଏଟିଏମ୍‌ରେ ଅନ୍ୟୁନ ଗୋଟିଏ କ୍ୟାସେଟ୍ରେର ଏଭଳି ନୋଟ୍ ରହିବା ଦରକାର। ଅର୍ଥାତ୍ ଅଧିକାଂଶ ଏଟିଏମ୍‌ରେ ଏହି ନୋଟ୍ ମିଳିବ। ସେହିଭଳି ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ୯୦% ଏଟିଏମ୍‌ରେ ଛୋଟ ମୂଲ୍ୟାଙ୍କ ନୋଟ୍ ବଡ଼ ମାତ୍ରାରେ ମିଳିବା ଦରକାର ବୋଲି ଆରବିଆଇ ନିର୍ଦ୍ଦେଶ ଦେଇଛି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିୟମ ମେ' ୧ରୁ କାର୍ଯ୍ୟକାରୀ ହେବାକୁ ଯାଉଛି। ଯଦି ଜଣେ ଏଟିଏମ୍‌ରୁ ଅଧିକ ଟଙ୍କା ଉଠାଉଥାଆନ୍ତି। ଏହା ତାଙ୍କୁ ମହଙ୍ଗା ପଡ଼ିବ। ଏଟିଏମ୍‌ରୁ ଟଙ୍କା ଉଠାଣ ନିୟମ ବଦଳିବାକୁ ଯାଉଛି। ଅଧିକ ଥର ଟଙ୍କା ଉଠାଣ ଉପରେ ଅତିରିକ୍ତ ଶୁଳ୍କ ଲାଗୁ ହେବ। ପ୍ରତ୍ୟେକ ବ୍ୟାଙ୍କ ନିଜ ନିଜର ଫ୍ରି ଲିମିଟ୍ ଧାର୍ଯ୍ୟ କରିଛନ୍ତି। ଏହି ସୀମା ପରେ ଜଣେ ଟଙ୍କା ଉଠାଇଲେ ସେଥିପାଇଁ ଅଧିକ ଟଙ୍କା ଗଣିବାକୁ ପଡ଼ିବ। ମାଗଣା ସୀମା ପରେ ପ୍ରତି ଏଟିଏମ୍ ଟ୍ରାଞ୍ଜାକ୍ସନ ପିଛା ୨୩ ଟଙ୍କା ଶୁଳ୍କ ଦେବାକୁ ହେବ, ଯାହା ଏବେ ୨୧ ଟଙ୍କା ରହିଛି।

# ଫିମି ଏଏ/ଇଓୟୁ/ଏସଇଜେଡ ୟୁନିଟସଡ଼ିକରୁ ଆଲୁମିନିୟମ୍ ରପ୍ତାନି ପାଇଁ ଆରଓଡିଟିଇପି ଯୋଜନାକୁ ତୁରନ୍ତ ସମ୍ପ୍ରସାରଣ କରିବାକୁ ଅନୁରୋଧ

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ଭାରତୀୟ ଆଲୁମିନିୟମ୍ ଶିଳ୍ପର ଏକୀକୃତ ଚାହିଦାକୁ ଦୃଢ଼ କରୁଥିବା ଏକ ପଦକ୍ଷେପରେ, ଭାରତୀୟ ଖଣିଜ ଶିଳ୍ପ ମହାସଂଘ (ଫିମି) ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟକୁ ଏକ ଆନୁଷ୍ଠାନିକ ପ୍ରତିନିଧିତ୍ୱ ଦାଖଲ କରିଛି, ଯେଉଁଥିରେ ଅଗ୍ରିମ ପ୍ରାଧିକରଣ (ଏଏ) ଧାରକ, ରପ୍ତାନି ଭିତ୍ତିକ ୟୁନିଟ୍ (ଇଓୟୁଏସ) ଏବଂ ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ର (ଏସଇଜେଡ)ରେ ଅବସ୍ଥିତ ଆଲୁମିନିୟମ୍-ଉତ୍ପାଦକ ୟୁନିଟସଗୁଡ଼ିକ ପାଇଁ ରପ୍ତାନି ଉତ୍ପାଦ ଉପରେ ଶୁଳ୍କ କିମ୍ବା ଟିକସ ଛାଡ଼ (ଆରଓଡିଟିଇପି) ଯୋଜନାକୁ ତୁରନ୍ତ ବିସ୍ତାର କରିବାକୁ ଅନୁରୋଧ କରାଯାଇଛି। ଏହା ଗତ ସପ୍ତାହରେ ଭାରତୀୟ ଆଲୁମିନିୟମ୍ ଆସୋସିଏସନ୍ (ଏଏଆଇ) ଦ୍ୱାରା ମାନ୍ୟବର ଅର୍ଥମନ୍ତ୍ରୀଙ୍କୁ କରାଯାଇଥିବା ସମାନ ଆବେଦନ ପରେ ହୋଇଛି, ଯାହା ଏଏ/ଇଓୟୁ/ଏସଇଜେଡ ୟୁନିଟସଡ଼ିକରୁ ଉତ୍ପନ୍ନ ହେଉଥିବା ଭାରତରୁ ପ୍ରାୟ ୪୫% ଆଲୁମିନିୟମ୍ ରପ୍ତାନିର ପ୍ରତିଯୋଗିତାମୂଳକତାକୁ ସୁରକ୍ଷିତ ରଖିବା ପାଇଁ ଆରଓଡିଟିଇପି ଲାଭର ଗୁରୁତ୍ୱକୁ ରେଖାଙ୍କିତ କରିଛି। ବାଣିଜ୍ୟ ସଚିବ ସୁନୀଲ ବାର୍ଥୱାଲଙ୍କୁ ଫିମିର ପ୍ରତିନିଧିତ୍ୱ ମନ୍ତ୍ରଣାଳୟ ଦ୍ୱାରା ପ୍ରଗତିଶୀଳ ନୀତିଗତ ସଂସ୍କାରକୁ ପ୍ରଶଂସା କରିଛି କିନ୍ତୁ ଏହା ଉପରେ ଆଲୋକପାତ କରିଛି ଯେ ୫ ଫେବୃଆରୀ ୨୦୨୫ ପରେ ଆରଓଡିଟିଇପି କଭରେଜରେ ବର୍ତ୍ତମାନର ବିଳମ୍ବ ଭାରତୀୟ ଆଲୁମିନିୟମ ଉତ୍ପାଦକମାନଙ୍କୁ କ୍ଷତିରେ ପକାଉଛି। ଏହି ୟୁନିଟଗୁଡ଼ିକ ଏମ୍ବେଡେଡ୍ କର ଏବଂ ଶୁଳ୍କ ବହନ କରୁଛନ୍ତି, ଯାହା ସେମାନଙ୍କର ଉତ୍ପାଦନ ଖର୍ଚ୍ଚର ୫-୧୦% ଏବଂ ଆନ୍ତର୍ଜାତୀୟ ବଜାରରେ ସେମାନଙ୍କର ପ୍ରତିଯୋଗିତାକୁ ହ୍ରାସ କରୁଛି। ଚିଠିରେ ଆହୁରି ଉଲ୍ଲେଖ କରାଯାଇଛି ଯେ ୨୦ ବିଲିୟନ ଡଲାରରୁ ଅଧିକ ନିବେଶ ଏବଂ ବାର୍ଷିକ ୪.୧ ନିୟୁତ ଟନ୍ କ୍ଷମତା ସହିତ ଭାରତୀୟ ଆଲୁମିନିୟମ କ୍ଷେତ୍ର ବିଶ୍ୱର ଦ୍ୱିତୀୟ ବୃହତ ଉତ୍ପାଦକ। ଏଏ/ଇଓୟୁ/ଏସଇଜେଡ ୟୁନିଟଗୁଡ଼ିକରୁ ରପ୍ତାନି ପାଇଁ ଆରଓଡିଟିଇପି ଲାଭ ପୁନଃସ୍ଥାପିତ କରିବାରେ କୌଣସି ବିଳମ୍ବ ହେଲେ ଉତ୍ପାଦନ ହ୍ରାସ, ଚାକିରି କ୍ଷତି ଏବଂ ଘରୋଇ ମୂଲ୍ୟ ବୃଦ୍ଧିରେ ବାଧା ସୃଷ୍ଟି ହୋଇପାରେ ବୋଲି ଏହା ଉଲ୍ଲେଖ କରାଯାଇଛି। ପୂର୍ବରୁ, ବାଣିଜ୍ୟ ମନ୍ତ୍ରଣାଳୟ ମାର୍ଚ୍ଚ ଏବଂ ସେପ୍ଟେମ୍ବର ୨୦୨୪ ରେ ଏବଂ ପୁଣି ୨୦ ମାର୍ଚ୍ଚ ୨୦୨୫ ରେ ବିଜ୍ଞପ୍ତି ମାଧ୍ୟମରେ ଆଲୁମିନିୟମ ୟୁନିଟଗୁଡ଼ିକୁ ଆରଓଡିଟିଇପି କଭରେଜ ବିସ୍ତାର କରିଥିଲା, ଯାହାର ଲାଭ କେବଳ ୫ ଫେବୃଆରୀ ୨୦୨୫ ପର୍ଯ୍ୟନ୍ତ ଲାଗୁ ହୋଇଛି। ଚଳିତ ବିଶ୍ୱ ବାଣିଜ୍ୟ ପ୍ରତିକୂଳ ପରିସ୍ଥିତିକୁ ଦୃଷ୍ଟିରେ ରଖି, ଫିମି ନିରନ୍ତରତା ଏବଂ ନୀତିଗତ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ ଏହି ତାରିଖ ପରେ ବିସ୍ତାରକୁ ସୂଚିତ କରିବାକୁ ମନ୍ତ୍ରଣାଳୟକୁ ଅନୁରୋଧ କରିଛି। ଶିଳ୍ପ ଏପର୍ଯ୍ୟନ୍ତ ୬ ଫେବୃଆରୀ ୨୦୨୫ ଠାରୁ ପ୍ରଯୁଜ୍ୟତା ପାଇଁ ଆନୁଷ୍ଠାନିକ ବିଜ୍ଞପ୍ତି ପାଇଁ ଅପେକ୍ଷା କରିଛି। ଫିମି ଏବଂ ଏଏଆଇ ଉଭୟ ସମାନ ଚିନ୍ତାକୁ ପ୍ରତିଫଳିତ କରିବା ସହିତ, ଆଲୁମିନିୟମ ଶିଳ୍ପ ଆଶା କରୁଛି ଯେ ସରକାର ସମତା ପୁନଃସ୍ଥାପନ କରିବା ତଥା ବିଶ୍ୱସ୍ତରୀୟ ଉତ୍ପାଦନ କେନ୍ଦ୍ର ହେବା ପାଇଁ ଭାରତର ମହତ୍ୱାକାଂକ୍ଷାକୁ ସମର୍ଥନ କରିବା ପାଇଁ ଶୀଘ୍ର କାର୍ଯ୍ୟ କରିବେ।

# ଷ୍ଟେଟ ବ୍ୟାଙ୍କ ତରଫରୁ ଚାଷୀଙ୍କୁ ସମ୍ବର୍ଦ୍ଧନା




**ନାଉଗାଁ,(ଡିକେ ନ୍ୟୁଜ୍):** ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଜଗତସିଂହପୁର ଜିଲ୍ଲା ନାଉଗାଁ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖା ପକ୍ଷରୁ ଚାଷୀମାନଙ୍କୁ ବୁଧବାର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବ୍ୟାଙ୍କରୁ କୃଷି ଋଣ ନେଇ ଚାଷ କାର୍ଯ୍ୟରେ ଲଗାଇ ସଠିକ ସମୟ ମଧ୍ୟ ଋଣ ପରିଶୋଧ କରୁଥିବା ଚାଷୀଙ୍କୁ ବ୍ୟାଙ୍କ ଶାଖା ପରିଚାଳକ ପ୍ରଣୟ କୁମାର ସାମଲ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ତାଙ୍କ ସହଯୋଗୀ ପ୍ରଭାତ କୁମାର ସେଠୀ, ରମାକାନ୍ତ ସ୍ୱାଇଁ, ଶିବ ଶଙ୍କର ପାହିଲ, ଅନନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଅକ୍ଷୟ ତୃତୀୟା: ସୁନାର ଦରରେ ସାମାନ୍ୟ ହ୍ରାସ



**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ଅକ୍ଷୟ ତୃତୀୟା ଅବସରରେ ଭାରତରେ ସୁନାର ଦରରେ ସାମାନ୍ୟ ହ୍ରାସ ଦେଖାଯାଇଛି। ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ସୁନାର ମୂଲ୍ୟ ପ୍ରାୟ ୦.୫% ହ୍ରାସ ପାଇଛି। ଯେତେବେଳେ ରୂପାର ଦର ପ୍ରାୟ ୧% କମିଛି। ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧୦ ଗ୍ରାମ ପିଛା ୮୭,୫୧୪ ରହିଥିବା ବେଳେ ୨୪ କ୍ୟାରେଟ ସୁନାର ମୂଲ୍ୟ ୯୫,୪୭୦ ପ୍ରତି ୧୦ ଗ୍ରାମ ରହିଛି। ଅକ୍ଷୟ ତୃତୀୟା ସୁନା କିଣିବା ପାଇଁ ଶୁଭ ଦିବସ ଭାବେ ବିବେଚିତ ହେଉଥିବାରୁ ଏହି ଦର ହ୍ରାସ କ୍ରେତାଙ୍କ ପାଇଁ ସୁଯୋଗ ଆଣିପାରେ। ତେବେ, ବିଶେଷଜ୍ଞମାନେ ସୁନା କିଣିବା ପୂର୍ବରୁ ବଜାର ଗତିବିଧି ଉପରେ ନଜର ରଖିବାକୁ ପରାମର୍ଶ ଦେଉଛନ୍ତି। ଚଳିତ ବର୍ଷ ସୁନା ଦର ରେକର୍ଡ ସୃଷ୍ଟି କରି ଏପ୍ରିଲରେ ୯୯,୮୦୦ (୨୪ କ୍ୟାରେଟ, ୧୦ ଗ୍ରାମ) ଛୁଇଁଥିଲା। ଜିଏସ୍‌ଟି ସହ ଲକ୍ଷେ ପାର କରିଥିଲା। ଆମେରିକାର ଶୁଳ୍କ ନୀତି, ଡଲାର ତୁଳନାରେ ଟଙ୍କାର ଦୁର୍ବଳତା ଓ ବିଶ୍ୱ ଅର୍ଥନୈତିକ ଅସ୍ଥିରତା ଯୋଗୁ ସୁନା ଦର ବୃଦ୍ଧି ପାଇଥିଲା।



## ବିଶାଖାପାଟନାରେ ଶ୍ରୀ ବରାହ ଲକ୍ଷ୍ମୀ ନରସିଂହା ସ୍ୱାମୀ ମନ୍ଦିରର ଚନ୍ଦନୋତ୍ସବମ ଉତ୍ସବ ସମୟରେ ଭୁଶୁଡିଲା କାନ୍ଥ: ୮ ମୃତ

**ବିଶାଖାପାଟନା,(ଡିକେ ନ୍ୟୁଜ୍):** ଆନ୍ଧ୍ରପ୍ରଦେଶର ବିଶାଖାପାଟନା ସହର ନିକଟ ସୀମାଂଚଳମ ସ୍ଥିତି ଐତିହାସିକ ଶ୍ରୀ ବରାହ ଲକ୍ଷ୍ମୀ ନରସିଂହା ସ୍ୱାମୀ ମନ୍ଦିରରେ ଆଜି ସକାଳେ ନବନିର୍ମିତ କାନ୍ଥ ଭୁଶୁଡିବା କାରଣରୁ ଅତି କମରେ ୮ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଛି ଏବଂ କିଛି ଜଣ ଆହତ ହୋଇଛନ୍ତି । ଧାର୍ମିକ ଉତ୍ସବ ସମୟରେ ହୋଇଥିବା ଏହି ଟ୍ରାଜେଡିରେ ଅନେକ ଲୋକ ଆହତ ହୋଇଛନ୍ତି । ଏହି ଅଘଟଣ ବାର୍ଷିକ ଚନ୍ଦୋତ୍ସବମ ଉତ୍ସବ ସମୟରେ ହୋଇଛି । ଏହି ଉତ୍ସବ ଏହି ମନ୍ଦିରର ପ୍ରମୁଖ ଧାର୍ମିକ ଆୟୋଜନ ଅଟେ । ଏଥିରେ ହଜାର ହଜାର ଭକ୍ତ ଭଗବାନଙ୍କ ବାସ୍ତବ ରୂପର ଦୁର୍ଲଭ ଦର୍ଶନ ପାଇଁ ଆସିଥାନ୍ତି । ମନ୍ଦିର ଆଡକୁ ଯାଉଥିବା ଘାଟ ରୋଡରେ ଏହି ଅଘଟଣ ଘଟିଛି । ସକାଳ ହେବା ପୂର୍ବରୁ ଏଠାରେ ଭକ୍ତ ପୂଜାର୍ଚ୍ଚନା କରିବା ପାଇଁ ଲାଇନରେ ଠିଆ ହୋଇଥିଲେ । ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ ରାତି ପ୍ରାୟ ଅଢେଇଟା ବେଳେ ଏହି ଅଘଟଣ ଘଟିଥିଲା । ଅସ୍ଥାୟୀ ସଂରଚନାର ୨୦ ଫୁଟ ଲମ୍ବା ଅଂଶ ହଠାତ୍ ଭୁଶୁଡି ପଡିଥିଲା । ଘଟଣାସ୍ଥଳରେ ୭ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪ଜଣ ଆହତ ହୋଇଥିଲେ । ଅନ୍ୟ ଆହତଙ୍କୁ ତୁରନ୍ତ ମେଡିକାଲରେ ଭର୍ତ୍ତି କରାଯାଇଥିଲା ।

## ଶ୍ରଦ୍ଧାଳୁଙ୍କ ପାଇଁ ଖୋଲିଲା ଗଙ୍ଗୋତ୍ରୀ ଓ ଯମୁନେତ୍ରୀ ଧାମର ଦ୍ୱାର

**ଉତ୍ତରକାଶୀ,(ଡିକେ ନ୍ୟୁଜ୍):** ଅକ୍ଷୟ ତୃତୀୟାର ପବିତ୍ର ଅବସରରେ ବୁଧବାର ସକାଳ ସାଢେ ୧୦ଟା ବେଳେ ଗଙ୍ଗୋତ୍ରୀ ଧାମର ଦ୍ୱାର ବିଧିବିଧାନର ସହ ଶ୍ରଦ୍ଧାଳୁଙ୍କ ପାଇଁ ଖୋଲିଛି। ଏହି ଶୁଭ ଅବସରରେ ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହଧାମୀ ପ୍ରଥମ ପୂଜାର୍ଚ୍ଚନା କରି ମାଆ ଗଙ୍ଗାଙ୍କୁ ଦେଶ ଓ ରାଜ୍ୟର ସୁଖ ସମୃଦ୍ଧି ପାଇଁ କାମନା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଉତ୍ତରାଖଣ୍ଡବାସୀଙ୍କ ପାଇଁ ଏହି ପର୍ବ କୌଣସି ଉତ୍ସବରୁ କମ୍ ନୁହେଁ ।

## ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ରନ୍ ଫର୍ ୱାନ୍ ନେସନ, ୱାନ୍ ଇଲେକ୍ସନର ଶୁଭାରମ୍ଭ

# ଗୋଟିଏ ଦେଶ-ଗୋଟିଏ ନିର୍ବାଚନ ଜାତୀୟ ଆନ୍ଦୋଳନରେ ପରିଣତ ହୋଇଛି : ଧର୍ମେନ୍ଦ୍ର ପ୍ରଧାନ




**ନୂଆଦିଲ୍ଲୀ,(ପିଆଇବି):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ନୂଆଦିଲ୍ଲୀ ଠାରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ "ରନ୍ ଫର୍ ୱାନ୍ ନେସନ୍, ୱାନ୍ ଇଲେକ୍ସନ୍" କାର୍ଯ୍ୟକ୍ରମକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଏପରି ପ୍ରୟାସକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପ୍ରଶଂସା କରିବା ସହ କହିଛନ୍ତି ଦେଶରେ କୌଣସି ନୂଆ ବିଚାରର କ୍ରିୟାନ୍ୱୟନରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଏକ ସଶକ୍ତ ପରମ୍ପରା ଅଛି। ଗୋଟିଏ ରାଷ୍ଟ୍ର - ଗୋଟିଏ ନିର୍ବାଚନ ସପକ୍ଷରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଏଭଳି ପ୍ରୟାସ ଅତ୍ୟନ୍ତ ପ୍ରଶଂସନୀୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ଗୋଟିଏ ରାଷ୍ଟ୍ର-ଗୋଟିଏ ନିର୍ବାଚନ ଉପରେ ବିମର୍ଶ ଆଜି କେବଳ ସଂସଦ ପର୍ଯ୍ୟନ୍ତ ନୁହେଁ ବରଂ ଜନମାନସର ଏକ ଅଭିଯାନ ବନାଯାଉଛି । ଅର୍ଥାତ୍ ୱାନ୍ ନେସନ, ୱାନ୍ ଇଲେକ୍ସନ ଜାତୀୟ ଆନ୍ଦୋଳନରେ ପରିଣତ ହୋଇଛି । ଆଜି ଆମେ ଦୌଡୁଛୁ, ଦେଶର ବିକାଶ ଏବଂ ଭବିଷ୍ୟତ ପାଇଁ । କିଛି ବି ବଡ ରାଜନୈତିକ ନିଷ୍ପତିକୁ ନିର୍ଣ୍ଣାୟକ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ନୀତି, ଯୋଜନା କରିବା ପାଇଁ ଜନଭାଗିଦାରୀ ଆବଶ୍ୟକ । ଆଜିର ସମୟ ହୋଇଛି, ଗଣତନ୍ତ୍ର ବ୍ୟବସ୍ଥାକୁ ସଶକ୍ତ କରିବା ଏବଂ ଗୋଟିଏ ରାଷ୍ଟ୍ର - ଗୋଟିଏ ନିର୍ବାଚନକୁ ଜନ ଅଭିଯାନ, ଜନସମ୍ବାଦ ଏବଂ ଜନ ଆନ୍ଦୋଳନରେ ପରିଣତ କରିବା । ନିର୍ବାଚନ ପ୍ରକ୍ରିୟାରେ ସଂସ୍କାର ଏବଂ ୱାନ ନେସନ ୱାନ ଇଲେକ୍ସନର ଲାଭ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଦିଗରେ ଏହା ଏକ ଜନ ଆନ୍ଦୋଳନ । ଏହି କାର୍ଯ୍ୟକ୍ରମ ସେହି ବିଚାରର ସାର୍ବଜନୀନ ପ୍ରତିଫଳନ - ଏହା କେବଳ ଏକ ଗଣଦୌଡ଼ ନୁହେଁ, ବରଂ ୨୦୪୭ ପର୍ଯ୍ୟନ୍ତ ଭାରତକୁ ଏକ ମଜଭୂତ୍ ଏବଂ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ଏକ ସଂକଳ୍ପ ଯାତ୍ରା ଅଟେ । ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନ ବିକଶିତ ଭାରତ କଳ୍ପନାର ଆଧାରଶୀଳା, ଯାହା ସଶକ୍ତ ଏବଂ ସ୍ଥିର ଭାରତ ପାଇଁ ନିର୍ଣ୍ଣାୟକ ସାବ୍ୟସ୍ତ ହେବ। ଏହି ଗଣଦୌଡ ରେ ଯୁବଶକ୍ତି ଅଧିକ ମାତ୍ରାରେ ଅଂଶଗ୍ରହଣ କରିଥିବାରୁ ଶ୍ରୀ ପ୍ରଧାନ ପ୍ରଶଂସା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ଦିଲ୍ଲୀର ଗୃହ, ଶିକ୍ଷା ଓ ତାଲିମ ମନ୍ତ୍ରୀ ଆଶିଷ ସୁଦ୍, ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରମୁଖ ସାମିଲ ହୋଇଥିଲେ।

# ସମତା, ସମରସତା, ସୁଶାସନ ଏବଂ ସାମାଜିକ ନ୍ୟାୟର ନୂଆ ଯୁଗ ଆରମ୍ଭ : ଧର୍ମେନ୍ଦ୍ର ପ୍ରଧାନ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର କ୍ୟାବିନେଟ୍ ଆଜିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜାତିଗତ ଜନଗଣନାକୁ ଆଗାମୀ ଜନଗଣନାରେ ସାମିଲ କରିବା ପାଇଁ ସ୍ୱୀକୃତି ଦେଇଛି, ଯେଉଁ ଐତିହାସିକ ନିର୍ଣ୍ଣୟକୁ ସ୍ୱାଗତ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଏଥିପାଇଁ ଧନ୍ୟବାଦ ଜଣାଇବା ସହ ଶ୍ରୀ ପ୍ରଧାନ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ ସମତା, ସମରସତା, ସୁଶାସନ ଏବଂ ସାମାଜିକ ନ୍ୟାୟର ଏକ ନୂଆ ଯୁଗ ଆରମ୍ଭ । ବଞ୍ଚିତ, ପଛୁଆ ଲୋକଙ୍କୁ ନୀତି-ନିର୍ମାଣରେ କେନ୍ଦ୍ରରେ ରଖିବା, ସମାଜର ସମସ୍ତ ବର୍ଗଙ୍କୁ ଯୋଡିବା, ସାମାଜିକ, ଶୈକ୍ଷିକ ଏବଂ ଆର୍ଥିକ ଅସମାନତାକୁ ପାରଦର୍ଶୀ ଏବଂ ପ୍ରମାଣିକ ଶୈଳୀରେ ଦୂର କରିବା ତଥା ସବୁ ବର୍ଗଙ୍କ ପାଇଁ ଉଚିତ୍ ଅଧିକାର ସୁନିଶ୍ଚିତ କରିବା ଦିଗରେ ଏହା ଏକ ସକରାତ୍ମକ ପଦକ୍ଷେପ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ବିଗତ ୧୧ ବର୍ଷ ଧରି ସମ୍ବିଧାନର ମୂଳ ଭାବନା ଅନୁସାରେ ସବକା ସାଥ୍- ସବକା ବିକାଶର ସଂକଳ୍ପ ସହ କାମ କରୁଥିବା ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ସରକାର ଚାଲୁଅଛି । ଆଜିର ଏହି ନିର୍ଣ୍ଣୟ ସବକା ସାଥ୍ – ସବକା ବିକାଶ ଏବଂ ସାମାଜିକ ନ୍ୟାୟର ଅବଧାରଣାକୁ ସଶକ୍ତ କରିବା ଦିଗରେ ମହତ୍ୱପୂର୍ଣ୍ଣ ପଦକ୍ଷେପ ହେବ। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ସବୁବେଳେ ଜାତି ଗଣନା ବିଷୟରେ ଛଳନା କରିଛନ୍ତି। କଂଗ୍ରେସ ଯେତେବେଳେ ସରକାରରେ ଥିଲା, ସେତେବେଳେ ଏହି ବିଷୟକୁ କେବଳ ଫାଷ୍ଟ ସର୍ଭେ ମଧ୍ୟରେ ସୀମିତ ରଖିଥିଲା। ଏହାକୁ ଜନଗଣନାର ଅଂଶ ଭାବରେ ସାମିଲ କଲାନାହିଁ। କିନ୍ତୁ ମୋଦୀ ସରକାରଙ୍କ ନୀତି ସ୍ପଷ୍ଟ ଏବଂ ଦୂରଦର୍ଶୀ ନିର୍ଣ୍ଣୟାକ ମଧ। ଐତିହାସିକ ଭୁଲକୁ ସୁଧାରୁଥିବା ଏହି ସମ୍ବେଦନଶୀଳ ନିର୍ଣ୍ଣୟ ପ୍ରଧାନମନ୍ତ୍ରୀଙ୍କ ଦୃଢ ଇଚ୍ଛାଶକ୍ତି କାରଣରୁ ସମ୍ଭବ ହୋଇଛି ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି।

# ଅକ୍ଷି ମୁଠି ଅନୁକୂଳ କଲେ ରାଜ୍ୟପାଳ



**ଭୁବନେଶ୍ୱର,(ଡିକେ ନ୍ୟୁଜ):** ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଅକ୍ଷି ମୁଠି ଅନୁକୂଳ କରିଛନ୍ତି ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି। ବୁଧବାର ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ କୃଷି ବିଜ୍ଞାନ କେନ୍ଦ୍ର (ଗଞ୍ଜାମ-୨), ଗୋଳନ୍ଥରା ଠାରେ ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଯୋଗଦେଇ ରାଜ୍ୟପାଳ ଅକ୍ଷି ମୁଠି ଅନୁକୂଳ କରିଛନ୍ତି ଏବଂ ରାଜ୍ୟବାସୀ ତଥା ଚାଷୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ସୁଖ ସମୃଦ୍ଧି କାମନା କରିଛନ୍ତି। ଏହି ଅବସରରେ ଜ୍ଞାନ, ନବସୃଜନ ଓ ତାଲିମ ମାଧ୍ୟମରେ କୃଷକମାନଙ୍କୁ ସଶକ୍ତ କରିବା ଦିଗରେ କୃଷି ବିଜ୍ଞାନ କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବାକୁ ଆହ୍ୱାନ ଜଣାଇଛନ୍ତି। ଉପସ୍ଥିତ କୃଷକମାନଙ୍କ ସହ ରାଜ୍ୟପାଳ ଆଲୋଚନା କରି ସେମାନଙ୍କର ଅନୁଭବ ଓ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ ଏବଂ କୃଷି କ୍ଷେତ୍ରରେ ଲାଭାନ୍ୱିତ ହେବା ପାଇଁ କୃଷକମାନେ ଆଧୁନିକ ପ୍ରଣାଳୀ ଓ ଜଳବାୟୁ ଅନୁକୂଳ ପଦ୍ଧତି ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ସମେତ ଜିଲ୍ଲା ପ୍ରଶାସନ ଅଧିକାରୀ ଉପସ୍ଥିତ ଥିଲେ।

# ଜେଏନ୍‌ୟୁ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀର ପୁରାତନ ଛାତ୍ରଛାତ୍ରୀମାନଙ୍କ ତରଫରୁ ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମ ଗୀତା ଗୋବିନ୍ଦ ସଦନ, ଭୁବନେଶ୍ୱର ଠାରେ ଚଳିତ ତା ୨୭/୦୪/୨୦୨୫ ରିଖରେ ଅନୁଷ୍ଠିତ ହାଇଯାଇଛି। ସଂଘର ସଭାପତି ସଂଗ୍ରାମ କେଶରୀ ମହାପାତ୍ର ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭ ପ୍ରାରମ୍ଭରେ ବିଶ୍ୱ ବିଦ୍ୟାଳୟର ଦିବଂଗତ ଛାତ୍ରଛାତ୍ରୀ ତଥା ନିକଟ ଅତୀତରେ ପହଲଗାଓଁ କାଶ୍ମୀରରେ ସନ୍ତ୍ରାସବାଦୀଙ୍କ ଆକ୍ରମଣରେ ମଣରେ ନିହତ ଲୋକମାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଯଇଁ ଦୁଇ ମିନି ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ପ୍ରଦୀପ ପ୍ରଜ୍ଜଳନ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଜେଏନୟୁର ପୂର୍ବତନ ପ୍ରଫେସର ଅଜୟ ପଟ୍ଟନାୟକ ନିଜର ଅଭିଭାଷଣରେ ତାଙ୍କ ଛାତ୍ର ଜୀବନର ଅଭୁଲା କାହାଣୀ ବଖାଣିଥିଲେ ଏବଂ ତାଙ୍କ ବକ୍ତବ୍ୟରେ କହିଲେ ଯେ, ଅତୀତ କଥା ଭାବିଲେ ହୃଦୟ ପ୍ରଫୁଲ୍ଲିତ ହୋଇଯାଏ ଏବଂ ନିକଟ ଅତୀତରେ ବିଶ୍ୱ ବିଦ୍ୟାଳୟ ପରିଭ୍ରମଣ କରିଥିବା ଅଭିଜ୍ଞତା ବଖାଣିଥିଲେ। ସେ ତାଙ୍କର ବକ୍ତବ୍ୟରେ ଭୁବନେଶ୍ୱର ବ୍ୟତୀତ ଓଡିଶାର ବିଭିନ୍ନ ସ୍ଥାନରେ ଏହି ପରି କାର୍ଯ୍ୟକ୍ରମ ଅନୁଷ୍ଠିତ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ପ୍ରଫେସର ଅଶୋକ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ନୂତନ ଭାବେ ବିଶ୍ୱ ବିଦ୍ୟାଳୟରେ ପବେଶିକା ପରୀକ୍ଷାରେ ସଫଳତା ହାସଲ ପାଇଁ ନୂତନ ଛାତ୍ର ଛାତ୍ରୀମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେବା ପାଇଁ ପ୍ରସ୍ତାବ ଦେଇଥିଲେ। ସେହିପରି ଡ଼ ଅମ୍ବିକା ପ୍ରସାଦ ନନ୍ଦ ତାଙ୍କ ଭାଷଣରେ କହିଲେ ଯେ, ଜେଏନୟୁର ପ୍ରତିଷ୍ଠା ଓ ଆଦର୍ଶ ସବୁ କ୍ଷେତ୍ରରେ ପ୍ରତୀୟମାନ ଏବଂ ସଂଘର କାର୍ଯ୍ୟକ୍ରମକୁ ଆହୁରି ଆଗକୁ ନେବାପାଇଁ ପାଇଁ ସ୍ୱାହିତ କରିଥିଲେ। ଏହି ଅବସରରେ ସଂଘର ସ୍ମରଣିକା, ୨୦୨୫ ଉନ୍ମୋଚିତ ହୋଇଥିଲା। ପୁରାତନ ଛାତ୍ର ଛାତ୍ରୀ ସଂଘର ସାଧାରଣ ସଂପାଦକ ଡ଼ ମାନସ ରଂଜନ ଜନ ନନ୍ଦ ସଂଘର ଗତ ବର୍ଷ ୨୦୨୪ ରେ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ସଂଘର କୋଷାଧକ୍ଷ ରତିକାନ୍ତ ମହାପାତ୍ର ବିଗତ ବର୍ଷର ଆୟ ଓ ବ୍ୟୟର ତଥ୍ୟ ପୂର୍ବକ ସମସ୍ତ ପୂର୍ବତନ ଛାତ୍ର ଛାତ୍ରୀମାନଙ୍କ ସଂଘର ଆଜୀବନ ସଦସ୍ୟତା ଗ୍ରହଣ କରିବାକୁ ନିବେଦନ କରିଥିଲେ। ଏହି ଅବସରରେ ଆଲୁମନି ଆସୋସିଏସନ୍‌ର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ସଭ୍ୟମାନଙ୍କୁ ଉପଢୌକନ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଇଥିଲେ। ପୂର୍ବତନ ପୂର୍ବତନ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆସୋସିଏସନର ଉପ ସଭାପତି ସମ୍ବିତ କୁମାର ପରିଡା, ଯୁଗ୍ମ ଆସେ ସମ୍ପାଦକ ଡକ୍ଟର ରଜତ କୁମାର କୁଜୁର, ଡକ୍ଟର ସୁଶ୍ରୀ ସାମଲ ଆସୋସିଏସନର କାର୍ଯ୍ୟନିର୍ବାହୀହୀ ସଭ୍ୟ ବଦ୍ରିକାନାଥ ମହାପାତ୍ର ହାପାତ୍ର, ଡକ୍ଟର ଶ୍ରୀକାନ୍ତ ଦାଶ, ପ୍ରକାଶ କୁମାର ଷଡଙ୍ଗୀ, ମାନସ ରଞ୍ଜନ ସାମଲ, ଡକ୍ଟର ଶିବବ୍ରତ ଦାସ, ପ୍ରଶିକ୍ଷା ନେଗୀ ଓ ମିନାକ୍ଷୀ ଦାସ ମଧ୍ୟ ଅଂଶଗ୍ରହଣ ଶଗ୍ରହଣ କରିଥିଲେ। ଶେଷରେ ସୁଶ୍ରୀ ସାମଲ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ ବନ୍ଧୁମିଳନ କାର୍ଯ୍ୟକ୍ରମରେ ବିଶ୍ୱ ବିଦ୍ୟାଳୟର ବହୁ ପୂର୍ବତନ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ।

# ଏନ୍‌ଇପି ଶିକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




**ଭୁବନେଶ୍ୱର,(ଡିକେ ନ୍ୟୁଜ):** ସରସ୍ୱତୀ ଶିଶୁ ମନ୍ଦିର ଯୋଜନା ଆଧାରିରେ ୟୁନିଟ -୩ ସଙ୍କୁଳ ସ୍ତରୀୟ ସାମୂହିକ ପ୍ରଶିକ୍ଷଣ ଶିବିର ଭୁବନେଶ୍ୱର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଭୀମ ଟାଙ୍ଗୀ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିର ତା.୨୮.୦୪.୨୫ ରିଖ ସୋମ ବାର ଠାରୁ ଆରମ୍ଭ ହୋଇ ତା.୩୦.୦୪.୨୫ ରିଖ ଅପରାହ୍ନରେ ଉଦଯାପନ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କ୍ୟାପିଟାଲ ହସ୍ପିଟାଲର ଅସ୍ଥି ଶଲ୍ୟ ବିଭାଗର ବରିଷ୍ଠ ଡ଼ାକ୍ତର ନାରାୟଣ ରାଉତ, ଭୁବନେଶ୍ୱର ମହାନଗରର ସଂଘ ଚାଳକ ଶ୍ରୀନିବାସ ମାନସିଂହ, ଶିକ୍ଷାବିତ୍ କମଳ କୁମାରୀ ଦାସ ଓ ସଙ୍କୁଳ ପ୍ରମୁଖ ମହେନ୍ଦ୍ର କୁମାର ସାହୁ ଅତିଥି ରୂପେ ଯୋଗଦେଇ ଶିକ୍ଷାର୍ଥୀ ମାନଙ୍କୁ ମାର୍ଗ ଦର୍ଶନ କରିଥିଲେ।ଏହି ପ୍ରଶିକ୍ଷଣ ଶିବିରରେ ଭୁବନେଶ୍ୱରର ପ୍ରମୁଖ ୭ ଟି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରାୟ ୧୫୬ ଜଣ ଗୁରୁଜୀ ଗୁରୁମା ଯୋଗ ଦେଇ ଥିଲେ। ନୂତନ ଜାତୀୟ ଶିକ୍ଷାନୀତି ଆଧାରରେ କିପରି ବିଷୟ ଅନୁଯାୟୀ ପାଠ ପଢା ଯିବ ସେ ବିଷୟରେ ଏନ୍‌ଇପି ଆଧାରରେ ଅଭିଜ୍ଞ ପ୍ରଶିକ୍ଷକଙ୍କ ଦ୍ୱାରା ଉନ୍ନତମାନର ଶିକ୍ଷଣ କୌଶଳ ପ୍ରଦାନ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱରର ପ୍ରଫେସର ଲକ୍ଷ୍ମୀଧର ବେହେରା ଯୋଗ ଦେଇ ନୂତନ ଜାତୀୟ ଶିକ୍ଷା ନୀତି ସମ୍ବନ୍ଧରେ ବିସ୍ତୃତ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷା ହେଉଛି ଶିଶୁର ମୌଳିକ ଅଧିକାର। ପ୍ରତ୍ୟେକ ଛାତ୍ର ଛାତ୍ରୀ ଦେଶର ଉତ୍ତର ପିଢ଼ି। ଉନ୍ନତ ଛାତ୍ର ବିକଶିତ ରାଷ୍ଟ୍ରର ପ୍ରକୃତ ଦାୟଦୟ। ଏହା ଥିଲା ମୁଖ୍ୟ ଅତିଥି ପ୍ରଫେସର ଲକ୍ଷ୍ମୀଧର ବେହେରାଙ୍କ ବକ୍ତବ୍ୟର ସାର ଗର୍ଭକ ସନ୍ଦେଶ। ଶିକ୍ଷାବିତ୍ ଚପଳା ଜେନା ସ୍ପୋକେନ୍ ଇଂରାଜୀ ଶିକ୍ଷଣ କୌଶଳ ପ୍ରଦାନ କରିଥିଲେ। ଉକ୍ତ ସମାରୋପ ଉତ୍ସବରେ ଶିକ୍ଷାବିତ୍ ରଂଜନ କୁମାର ପରିଡ଼ା, ଶିକ୍ଷାବିତ୍ ବିଷ୍ଣୁ ଚରଣ ସାହୁ, ପରିଚାଳନା ସମିତି ସଦସ୍ୟା ମମିତା ରାଣୀ ସେଠୀ, ପୂର୍ବ ସମ୍ବାଗର ସଦସ୍ୟା ବାସ୍ତବା ଦତ୍ତ ରଥ ଯୋଗ ଦେଇ ଜାତୀୟ ଶିକ୍ଷା ନୀତି ବ୍ୟବସ୍ଥାକୁ ଭୂରି ଭୂରି ପ୍ରଶଂସା କରିଥିଲେ। ସଙ୍କୁଳ ସଂଯୋଜକ ନିରଞ୍ଜନ ତରାସ, ପୁରୀ ବିଭାଗ ନିରୀକ୍ଷକ ନୃସିଂହ ମିଶ୍ର, ପରିଚାଳନା ସମିତି ସଦସ୍ୟ ସନ୍ତୋଷ କୁମାର ମହାପାତ୍ର ଓ ୟୁନିଟ - ୩ ସଙ୍କୁଳ ଅନ୍ତର୍ଗତ ସମସ୍ତ ପ୍ରଧାନ ଆଚାର୍ଯ୍ୟ ମାନଙ୍କ ପ୍ରତ୍ୟକ୍ଷ ନିରୀକ୍ଷଣରେ ଏହି ପ୍ରଶିକ୍ଷଣ ଶିବିରଟି ଉଦଯାପିତ ହୋଇଛି।

# ବୋଇଙ୍ଗ ପକ୍ଷରୁ ୟୁନିଭରସିଟି ଇନୋଭେଶନ ପ୍ରୋଗ୍ରାମର ବିଜେତାଙ୍କ ନାମ ଘୋଷଣା

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ବୋଇଙ୍ଗ (ଏନୱାଇଏସଇ:ବିଏ) ପକ୍ଷରୁ ବୋଇଙ୍ଗ ୟୁନିଭର୍ସିଟି ଇନୋଭେଶନ ଲିଡରସିପ ଡେଭ୍‌ଲପମେଣ୍ଟ (ବିଲ୍ଡ) ପ୍ରୋଗ୍ରାମ ୨୦୨୪-୨୫ର ୪ର୍ଥ ସଂସ୍କରଣର ବିଜେତା ଭାବେ ୭ଟି ଟିମ୍‌ର ନାମ ଘୋଷଣା କରାଯାଇଛି । ଯେଉଁଥିରେ ୟୁନିଭର୍ସିଟି ଛାତ୍ରଛାତ୍ରୀ ଓ ପ୍ରାରମ୍ଭିକ ପର୍ଯ୍ୟାୟର ଷ୍ଟାର୍ଟଅପର ଉଦ୍ୟୋଗୀମାନେ ସାମିଲ ଅଛନ୍ତି। ୭ ଜଣ ବିଜେତା ଟିମ୍ ହେଉଛନ୍ତି ଟ୍ରଷ୍ଟୱର୍କସ ଡାଇନେଟିକ୍ସ, ନେକ୍ସସ ପାୱର, ଏକ୍ସଟ୍ରାଇଭ ଇନୋଭେସନ୍ସ, କ୍ୱାଲିଭନ ଟେକ୍ନୋଲେଶଜିସ, ରଫା ବାୟୋନିକ୍ସ, ହାଇପ୍ରିକ୍ସ ଏଭିଏସନ ଏବଂ ତ୍ରିଶୂଳ ସ୍ପେସ। ଏହି ବିଜେତାମାନଙ୍କୁ ସେମାନଙ୍କର ବିଚାରଗୁଡିକୁ ବଜାର ପ୍ରସ୍ତୁତ ଓ ମୂଲ୍ୟବାନ ବ୍ୟବସାୟିକ ସମାଧାନରେ ପରିଣତ କରିବାରେ ସାହାଯ୍ୟ କରିବା ପାଇଁ ଆସନ୍ତା ୬ ମାସ ମଧ୍ୟରେ ବୋଇଙ୍ଗ ଓ ସେମାନଙ୍କର ଇନକ୍ୟୁବେଟର ପାର୍ଟନରଙ୍କ ଦ୍ୱାରା ସହଯୋଗ ପ୍ରଦାନ କରାଯିବ। ଏହି ବିଜେତା ଦଳଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଙ୍କୁ ଆର୍ଥିକ ଅନୁଦାନ ଭାବରେ ୧୦ ଲକ୍ଷ ଟଙ୍କା ମିଳିବ ଯାହା ଏରୋସ୍ପେସ୍ ଏବଂ ପ୍ରତିରକ୍ଷା, ଟେକ୍ନୋଲୋଜି, ସାମାଜିକପ୍ରଭାବ ଏବଂ ସ୍ଥାୟୀତ୍ୱ କ୍ଷେତ୍ରରେ ସେମାନଙ୍କ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବ । ଗତକାଲି ବେଙ୍ଗାଲୁରୁର ବିଆଇଇଟିସି କ୍ୟାମ୍ପସ ଠାରେ ଆୟୋଜିତ ହୋଇଥିବା ଫିନାଲେରେ ଦ ବୋଇଙ୍ଗ କମ୍ପାନୀ, ଇନ୍‌ଫର୍ମେଶନ ଟେକ୍ନୋଲୋଜି ଆଣ୍ଡ ଡାଟା ଆନାଲିଟିକ୍ସର ମୁଖ୍ୟ ସୂଚନା ଡିଜିଟାଲ ଅଧିକାରୀ ଓ ବରିଷ୍ଠ ଉପାଧ୍ୟକ୍ଷ ଡାନା ଡେଜି, ବରିଷ୍ଠ ଭିପି, ବୋଇଙ୍ଗ ଇଣ୍ଡିଆ ଓ ସାଉଥ ଏସିଆର ଅଧ୍ୟକ୍ଷ ସଲିଲ ଗୁପ୍ତେ, ବୋଇଙ୍ଗ ଇଣ୍ଡିଆ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ସେଂଟର (ବିଆଇଇଟିସି)ର ଉପାଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଏବଂ ବୋଇଙ୍ଗ ଇଣ୍ଡିଆର ଚିଫ୍ ଇଞ୍ଜିନିୟର ଷ୍ଟାସି ସାୟାର ଏବଂ ଅନ୍ୟ ବୋଇଙ୍ଗ ଗ୍ଲୋବାଲ ଓ ଇଣ୍ଡିଆ ଲିଡର ଏବଂ ବୋଇଙ୍ଗର ଇନ୍‌କ୍ୟୁବେଟର ପାର୍ଟନରମାନେ ଯୋଗ ଦେଇଥିଲେ । ଏହି ଅବସରରେ ବୋଇଙ୍ଗ ଇଣ୍ଡିଆ ଓ ସାଉଥ ଏସିଆର ଅଧ୍ୟକ୍ଷ ଶ୍ରୀଯୁକ୍ତ ସଲିଲ ଗୁପ୍ତେ କହିଛନ୍ତି, " ବିଗତ ବର୍ଷଗୁଡିକରେ ବିୟୁଆଇଏଲଡି ପ୍ରୋଗ୍ରାମ ଏକ ପ୍ଲାଟଫର୍ମ ଭାବେ କିଶିତ ହୋଇଛି ଯାହା ଭାରତର ବିକଶିତ ଷ୍ଟାର୍ଟଅପ ଇକୋସିଷ୍ଟମର ଆକାଂକ୍ଷାଗୁଡିକୁ ପ୍ରତିଫଳନ କରୁଛି। ମୁଁ ବିଜେତା ଓ ଅଂଶଗ୍ରହଣକାରୀଙ୍କୁ ଶୁଭେଚ୍ଛା ଜଣାଉଛି ଏବଂ ମୁଁ ଆମର ଇନକ୍ୟୁବେଟର ପାର୍ଟନର ଓ ଶିଳ୍ପ ହିତାଧିକାରୀଙ୍କୁ ଧନ୍ୟବାଦ ଜଣାଉଛି ଯିଏ ଏହି ପ୍ରୋଗ୍ରାମକୁ ଏପର୍ଯ୍ୟନ୍ତ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି।" ବିଆଇଇଟିସିର ଭିପି, ଏମ୍‌ଡି ଏବଂ ବୋଇଙ୍ଗ ଇଣ୍ଡିଆର ମୁଖ୍ୟ ଇଞ୍ଜିନିୟର ଷ୍ଟାସି ସାୟାର କହିଛନ୍ତି, " ବିୟୁଆଇଏଲଡି ହେଉଛି ଏକ କ୍ଷେତ୍ର ଯେଉଁଠାରେ ମାର୍ଗଦର୍ଶନ ଓ ବୋଇଙ୍ଗର ସୂଚନା ପରିସର ମାଧ୍ୟମରେ ବିଚାରଧାରାଗୁଡିକୁ ସମାଧାନର ରୂପ ଦିଆଯାଉଛି। ଏଠାରେ ଆଶାୟୀ ପ୍ରାର୍ଥୀମାନେ ସିଧାସଳଖ ବୋଇଙ୍ଗ ଇଞ୍ଜିନିୟର ଓ ଟେକ୍ନୋଲୋଜିଷ୍ଟଙ୍କ ସହ ଆଲୋଚନା କରିପାରିଥାନ୍ତି, ଯାହା ସେମାନଙ୍କୁ ପ୍ରାରମ୍ଭିକ ପର୍ଯ୍ୟାୟର ପ୍ରସଙ୍ଗ ଓ ଧାରଣାଗୁଡିକୁ ମୂଲ୍ୟବାନ ଓ ବିସ୍ତୃତ ସମାଧାନରେ ରୂପାନ୍ତରିତ କରିବାରେ ସାହାଯ୍ୟ କରିଥାଏ।"

# ଶ୍ରୀଜୟଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ




**ଭୁବନେଶ୍ୱର,(ଡିକେ ନ୍ୟୁଜ):** ସମଗ୍ର ଭାରତ ବର୍ଷରେ ପ୍ରାତଃସ୍ମରଣୀୟ କବିମାନଙ୍କ ମଧ୍ୟରେ ଓଡ଼ିଶା ମାଟିର ମହାନ କବି ଶ୍ରୀଜୟଦେବଙ୍କ ନାମ ସର୍ବାଗ୍ରେ। ତାଙ୍କ ରଚିତ ଶ୍ରୀଗୀତଗୋବିନ୍ଦ କାବ୍ୟ କେବଳ ଏକ ଶୃଙ୍ଗାର ଭକ୍ତିକାବ୍ୟ ନୁହେଁ, ବରଂ ଭାରତୀୟ ସଂସ୍କୃତି ଓ ସାହିତ୍ୟର ଏକ ଅମୂଲ୍ୟ ରତ୍ନ । ଦ୍ୱାଦଶ ଶତାବ୍ଦୀରେ ରଚିତ ଏହି କାବ୍ୟଗ୍ରନ୍ଥରେ ରାଧାକୃଷ୍ଣଙ୍କ ଦିବ୍ୟଲୀଳାକୁ ଅତି ଚମତ୍କାର ଭାବେ ବର୍ଣ୍ଣନା କରାଯାଇଛି। ଯାହାର ଲଳିତ ସୁନ୍ଦର ପଦାବଳୀ କେବଳ ଓଡ଼ିଶାରେ କିମ୍ବା ଭାରତ ବର୍ଷରେ ନୁହେଁ, ଏହା ସମଗ୍ର ବିଶ୍ୱରେ ଆଦୃତି ଲାଭ କରିଛି ବୋଲି ଶ୍ରୀଜୟଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବୁଧବାର ପୂର୍ବାହ୍ନରେ ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ସୂଚନା ଓ ଲୋକସଂପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନ ଠାରେ ଆୟୋଜିତ ଏହି ଭବ୍ୟ ସମାରୋହରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ, ଓଡ଼ିଶା ତଥା ବିଶିଷ୍ଟ ଗବେଷକ ଅଜିତ ତ୍ରିପାଠୀ ଯୋଗଦେଇ କହିଲେ ଯେ ଜୟଦେବଙ୍କ ପରି ସଂସ୍କୃତ ବିଦ୍ୱାନ ଭାରତ ଇତିହାସରେ ବିରଳ । ଓଡ଼ିଶାରେ ଜନ୍ମ ନେଇଥିବା ସଂସ୍କୃତ ବିଦ୍ୱାନ ଆଜି ତାଙ୍କ କାଳଜୟୀ ରଚନା ପାଇଁ ସମଗ୍ର ବିଶ୍ୱରେ ପୂଜିତ । ଦେଶବିଦେଶରେ ଗୀତଗୋବିନ୍ଦ କାବ୍ୟ ଏବଂ ଓଡ଼ିଶୀ ନୃତ୍ୟ ଓ ସଂଗୀତ ଯେତେ ପ୍ରସାର ଲାଭ କରିଥିଲେ ମଧ୍ୟ ସାରା ବିଶ୍ୱରେ ଆମକୁ ଆହୁରି ଅଧିକ ପରିଚିତ କରାଇବାର ଅଛି । ଶ୍ରୀଜୟଦେବଙ୍କ କୃତିସମୂହ ଏବଂ ପର୍ଯ୍ୟଟକ ତଥା ଜନସାଧାରଣଙ୍କ ପାଇଁ ସମସ୍ତ ଜୟଦେବ ପୀଠର ଉନ୍ନତିକରଣ ପାଇଁ ସରକାର ତଥା ସାହିତ୍ୟ ଓ ସଂସ୍କୃତିପ୍ରେମୀମାନେ ଆଗେଇ ଆସିବା ଉଚିତ । ଶ୍ରୀଜୟଦେବଙ୍କ କୃତିସମୂହ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ ଅନୁବାଦିତ ହୋଇ ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଉପଲବ୍ଧ ହେବା ଜରୁରୀ। ଏହା ଦ୍ୱାରା ଅଧିକରୁ ଅଧିକ ଛାତ୍ରଛାତ୍ରୀ ଜୟଦେବଙ୍କ କୃତି ବିଷୟରେ ବିଷୟରେ ଜ୍ଞାନ ଆହରଣ କରିପାରିବେ। ଗୀତଗୋବିନ୍ଦ ଏବଂ ଓଡ଼ିଶୀ ନୃତ୍ୟ ଓତଃପ୍ରୋତ ଭାବରେ ଜଡ଼ିତ । ଓଡ଼ିଶାର ପ୍ରାଚୀନ ନୃତ୍ୟ, ସଂଗୀତକୁ ବଞ୍ଚାଇ ରଖିବା ସହିତ ଏହାକୁ ଦେଶ ବିଦେଶରେ ପ୍ରଚାରପ୍ରସାର ପାଇଁ ସମସ୍ତେ ପ୍ରୟାସ କରିବା ଉଚିତ ବୋଲି ଶ୍ରୀ ତ୍ରିପାଠୀ ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ଅତିଥି ଭାବେ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ କହିଲେ ଯେ ଯେତେ ଯେତେ ଭକ୍ତି ଆନ୍ଦୋଳନର ସୂତ୍ରପାତ ହେଉଛି ସବୁରି ମୂଳରେ ଆମର ଆରାଧ୍ୟ ପ୍ରଭୁ ଶ୍ରୀ ଜଗନ୍ନାଥ। ଜଗନ୍ନାଥଙ୍କୁ ନେଇ ଭକ୍ତି ପରମ୍ପରାର ଆରମ୍ଭ । ଓଡ଼ିଶୀ ନୃତ୍ୟ ଏବଂ ଗୀତଗୋବିନ୍ଦ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ଓଡ଼ିଶୀ ନୃତ୍ୟର ଆଧାରଶିଳା ଗୀତଗୋବିନ୍ଦ କାବ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେହିପରି ଗୀତଗୋବିନ୍ଦ ବିନା ଓଡ଼ିଶୀ ନୃତ୍ୟ ଅଧୁରା ରହିଯିବ । ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କ ସ୍ୱର୍ଗୀୟ ପ୍ରେମ ଉପରେ ଆଧାରିତ ହୋଇଥିବା ଏହି ମଧୁର ସଂଗୀତ ସମ୍ବନ୍ଧିତ କାବ୍ୟ ଶ୍ରୀଜୟଦେବ କୃତ ଗୀତଗୋବିନ୍ଦ କେବଳ ସାରା ଭାରତରେ କାହିଁକି ସାରା ବିଶ୍ୱରେ ଚର୍ଚ୍ଚିତ ହୋଇ ଓଡ଼ିଆର ପରିଚୟକୁ ପୁନଃସ୍ଥାପିତ କରି ପାରିଛି। ସେହି କାଳଜୟୀ କବି ଶ୍ରୀ ଜୟଦେବଙ୍କ ଜନ୍ମସ୍ଥାନ ଆଜି ଜାତୀୟ ସ୍ତରର ସ୍ମାରକୀ ରୂପେ ପରିଣତ ହେବାକୁ ଯାଉଛି । ଆଜିର ଯୁବପିଢ଼ି ତଥା ସାହିତ୍ୟପିପାସୁ ବ୍ୟକ୍ତିଗଣ ଜୟଦେବଙ୍କ କୃତି ଉପରେ ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ଦାଶ କହିଥିଲେ। ବରେଣ୍ୟ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ତଥା ସୁସାହିତ୍ୟିକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ତାଙ୍କ ବକ୍ତବ୍ୟରେ କହିଲେ ଯେ ଶ୍ରୀ ଜୟଦେବଙ୍କ ରଚିତ ଶ୍ରୀଗୀତଗୋବିନ୍ଦ କାବ୍ୟ ଏକ ଅନବଦ୍ୟ କୃତି । ରାଧା କୃଷ୍ଣଙ୍କ ଚରିତ ଉପରେ ପର୍ଯ୍ୟବେଶିତ ଏହି ମହାନ କାବ୍ୟ ଗୀତିକାବ୍ୟମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ । ଉଭୟ ଶୈଳୀ ଓ ବିଷୟବସ୍ତୁ ଦୃଷ୍ଟିରୁ ଏହାକୁ ସଂସ୍କୃତ ସାହିତ୍ୟର ସର୍ବୋତ୍ତମ ସଂଗୀତ ରଚନା କୁହା ଯାଇପାରେ । ଗୀତଗୋବିନ୍ଦର ବିରାଟ କଳେବର ଆଜି ବିଭିନ୍ନ ଭାଷାରେ ଅନୂଦିତ ହୋଇ ଓଡ଼ିଆର ପରିଚୟ ସୃଷ୍ଟି କରି ପାରିଛି ବୋଲି ଶ୍ରୀ ମଲ୍ଲିକ କହିଥିଲେ। ପରେପରେ ଶ୍ରୀଜୟଦେବ ଓ ଶ୍ରୀଗୀତଗୋବିନ୍ଦ ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଶ୍ରୀଜୟଦେବଙ୍କ କୃତି ଓ ସ୍ୱୀକୃତି ଉପରେ ଅଗାଧ ପାଣ୍ଡିତ୍ୟ ଥିବା ସମ୍ମାନନୀୟ ଆଲୋଚକମାନେ ସେମାନଙ୍କ ବକ୍ତବ୍ୟରେ କହିଥିଲେ ଯେ ଜୟଦେବଙ୍କ କୃତି କେବଳ ଏକ କାବ୍ୟ ନୁହେଁ, ବରଂ ଏହା ଏକ ଦିବ୍ୟ ଭାବନା, ଏକ ମୂଲ୍ୟବାନ ସାଂସ୍କୃତିକ ସମ୍ପଦ ଯାହା ଶତାବ୍ଦୀ ଧରି ମନୁଷ୍ୟ ହୃଦୟରେ ଅଦମ୍ୟ ଅଭିଳାଷା ହୋଇ ରହିଛି। ଖ୍ଅଁଚ୍ଚନ୍ତଗୀତଗୋବିନ୍ଦ୍ମ୩୯ନ୍ତରେ ଶ୍ରୀକୃଷ୍ଣ ଓ ରାଧାଙ୍କ ଦିବ୍ୟ ପ୍ରେମ ରସ ଏମିତି ଦୀପ୍ତିମାନ ଭାବେ ପ୍ରତିଛବିତ ହୋଇଛି ଯେ ଏହା ଜଗତର ଭାଷା ସୀମାକୁ ଉଲ୍ଲଙ୍ଘନ କରି ସମସ୍ତ ଭକ୍ତ- ହୃଦୟକୁ ଆନ୍ଦୋଳିତ କରିଥାଏ। ତାଙ୍କର ରଚନାରେ ଯେପରି ଭାବ ଶୁଦ୍ଧି, କାବ୍ୟ ଶୈଳୀ ଓ ଭାଷାର ଲାଳିତ୍ୟ ଦେଖିବାକୁ ମିଳେ, ତାହା ସାହିତ୍ୟରେ ଏକ ଦୁର୍ଲଭ ଦୃଶ୍ୟ ବୋଲି ଆଲୋଚକମାନେ ମତବ୍ୟକ୍ତ କରିଥିଲେ। ଆଲୋଚନାରେ ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ପ୍ରଫୁଲ୍ଲ ତ୍ରିପାଠୀ, ପୂର୍ବତନ କୁଳପତି, ତଥା ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ପ୍ରଫେସର ପ୍ରଫୁଲ୍ଲ ମିଶ୍ର, ବିଶିଷ୍ଟ ସାହିତ୍ୟିକ ତଥା ସଂସ୍କୃତ ବିଦ୍ୱାନ୍ ପ୍ରଫେସର ରଘୁନାଥ ପଣ୍ଡା, ପ୍ରାଚୀ ସଂସ୍କୃତି ଗବେଷକ ଶ୍ରୀ ହଂସନାଥ ସାହୁ, ବିଶିଷ୍ଟ ସାହିତ୍ୟିକ ତଥା ଲୋକସଂସ୍କୃତି ଗବେଷକ ଡକ୍ଟର ସନ୍ତୋଷ ମହାପାତ୍ର ଏବଂ ଶ୍ରୀଗୀତଗୋବିନ୍ଦ ଗବେଷକ ଶ୍ରୀ ଗଦାଧର ମହାପାତ୍ର ପ୍ରମୁଖ ସେମାନଙ୍କ ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ । ଓଡିଶା ସାହିତ୍ୟ ଏକାଡେମୀର ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସୋମା ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଏବଂ ଓଡିଶା ସାହିତ୍ୟ ଏକାଡେମୀର ସହ ସଚିବ ଶ୍ରୀ ସଂଜୟ କୁମାର ଛୁଆଳ ସିଂ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ଅତିଥିମାନେ ଶ୍ରୀଜୟଦେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିବାବେଳେ ଉତ୍କଳ ସଂଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଶ୍ରୀଜୟଦେବ କୃତ ଗୀତଗୋବିନ୍ଦ ପରିବେଷଣ କରା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ବରିଷ୍ଠ ଅଧିକାରୀ, ଓଡିଶା ସାହିତ୍ୟ ଏକାଡେମୀ ଏବଂ ଜୟଦେବ ଫାଉଣ୍ଡେସନର କର୍ମକର୍ତ୍ତାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଓ ଗଣମାଧ୍ୟମର ପ୍ରତିନିଧି ଯୋଗ ଦେଇଥିଲେ।

## ଶ୍ରୀ ଜୟଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଶ୍ରୀ ଜୟଦେବଙ୍କ ଜୟନ୍ତୀ ଅବସରରେ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ଶ୍ରୀ ଗୀତଗୋବିନ୍ଦର ପ୍ରଣେତା ଶ୍ରୀ ଜୟଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି। ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଦେବ ପ୍ରସାଦ ଦାଶ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ।

**NOTICE**

By virtue of an affidavit sworn before Executive Magistrate, Bhubaneswar on dated 30.04.2025, 1, SANATAN BEHERA, Son of Brundaban Behera, permanent resident of At. Plot No. 3249, Lane 15, Sriram Nagar, Samantarapur, Po. Old Town, Ps. Shree Lingaraj, Bhubaneswar, Dist.-Khordha, Odisha, PIN-751002, declare that, I have changed my daughter's name from SANAYA KASHYAP to SANAYA BEHERA. Henceforth, she shall be known as SANAYA BEHERA for all purposes.

**SANATAN BEHERA**

## ଏଆଇଟିୟୁସି ପକ୍ଷରୁ ୧୧ ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ପ୍ରଦାନ



**ଅନୁଗୁଳ,(ଡିକେ ନ୍ୟୁଜ):** ଜିଲ୍ଲାର କୋଇଲା ନଗରୀ ତାଳଚେର ଉପଖଣ୍ଡର ଉପ ଜିଲ୍ଲାପାଳ ସମୀର କୁମାର ଜେନା (ଆଇଏଏସ)ଙ୍କୁ ଅଖିଳ ଭାରତୀୟ ଟ୍ରେଡ୍ ୟୁନିୟନ କଂଗ୍ରେସ (ଏ.ଆଇ.ଟି.ଇଉ.ସି.) ପକ୍ଷରୁ ସାଧାରଣ ସମ୍ପାଦକ କମ୍ରେଡ ସୁରେନ୍ଦ୍ର କୁମାର ଶର୍ମାଙ୍କ ନେତୃତ୍ୱ ରେ ୧୧ ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟଯେ, ଏ.ଆଇ.ଟି.ଇଉ.ସି.ର ଶତାଧିକ ମହିଳା କର୍ମୀ ଏବଂ ହଜାର ସଂଖ୍ୟାରେ ପୁରୁଷ କାର୍ଯ୍ୟକର୍ତ୍ତା ତଥା କର୍ମୀ ତାଳଚେର ଉପ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ଉପସ୍ଥିତ ରହି ଏହି ଜନହିତକର ଦାବି ସମ୍ବନ୍ଧରେ ପ୍ରଶାସନ ଏବଂ ସାଧାରଣ ଜନତାଙ୍କୁ ଅବଗତ କରାଇଥିଲେ। ସ୍ଥାନୀୟ ବେକାର ଯୁବକ ଯୁବତୀଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ପ୍ରଦାନ ଦାବିର ପ୍ରାସଙ୍ଗିକତା ସମ୍ପର୍କରେ ପ୍ରଶାସନକୁ ଜଣାଇବା ସହିତ ଅନ୍ୟ ଦାବୀ ଗୁଡ଼ିକ ଉପସ୍ଥାପନ କରିଥିଲେ। ଏବଂ ଆସନ୍ତା ମଇ ୨୦ ତାରିଖ ହେବାକୁ ଥିବା ଦେଶବ୍ୟାପୀ ଧର୍ମଘଟକୁ ସଫଳ କରିବା ପାଇଁ ଆହ୍ୱାନ କରିଥିଲେ। ସମଗ୍ର ଅଞ୍ଚଳ ଇନ୍ କ୍ଲାବ ଜିନ୍ଦାବାଦର ସ୍ଲୋଗାନରେ ମୁଖରିତ ହେବା ସଙ୍ଗେ ସଙ୍ଗେ ଲୋକଙ୍କ ମଧ୍ୟରେ ଗୁଞ୍ଜରଣ ଖେଳି ଯାଇ ଥିବାର ଦେଖିବାକୁ ମିଳିଥିଲା।

## ବ୍ରାଉନସୁଗାର୍ ଡିଲ୍ ବେଳେ ମାଡ଼ି ବସିଲା ପୋଲିସ




**ପାରାଦ୍ୱୀପ,(ଡିକେ ନ୍ୟୁଜ):** ବିପୁଳ ପରିମାଣ ବ୍ରାଉନ ସୁଗାର ଜବତ କରିବା ସହ ଆସାମୀକୁ ଗିରଫ କରି କୋର୍ଟ ଚାଲାଣ କରିଛି ପାରାଦୀପ ଅଭୟଚନ୍ଦ୍ରପୁର ପୋଲିସ୍। କୌଣସି ବିଶେଷ ସୂତ୍ରରୁ ଖବରପାଇ ଅଭୟଚନ୍ଦ୍ରପୁର ଥାନା ପୋଲିସ୍ ଢିଙ୍କିଆ ମାହଳ ଗାଁରେ ବ୍ରାଉନସୁଗାର କାରବାର ଚାଲିଥିବା ଖବର ପାଇ ଅଚାନକ ଚଢାଉ କରିଥିଲା ଅଭୟଚନ୍ଦ୍ର ପୁର ପୋଲିସ୍। ସୂଚନା ମୁତାବକ ଢିଙ୍କିଆ ଗାଁର ପ୍ରତାପ ମଲ୍ଲିକ ଅନେକ ଦିନ ଧରି ବ୍ରାଉନସୁଗାର କାରବାର କରୁଥିବା ନେଇ ପୋଲିସ୍ ଜାଣିବାକୁ ପାଇଥିଲା। ଅନେକ ଦିନ ଧରି ପୋଲିସ୍ ନଜର ରଖିଥିବା ବେଳେ ପ୍ରତାପ ଗତକାଲି ରାତିରେ ବ୍ରାଉନ ସୁଗାରର ଏକ ବଡ ଡ଼ିଲ ହେବାର ଖବର ପାଇ ଅଚାନକ ରେଡ୍ କରି ତା ଠାରୁ ୬.୦ଗ୍ରାମ ବ୍ରାଉନ ସୁଗାର ଜବତ କରିବା ସହ ପ୍ରତାପକୁ ଗିରଫ କରି କୋର୍ଟ ଚାଲାଣ କରିଛି ଅଭୟଚନ୍ଦ୍ରପୁର ଥାନା ପୋଲିସ୍। ଯାହାକୁ ନେଇ ସାମ୍ବାଦିକ ସମ୍ମିଳନୀ ଜରିଆରେ ପ୍ରକାଶ କରିଛନ୍ତି ଅଭୟଚନ୍ଦ୍ର ପୁର ଥାନାର ଅଧିକାରୀ ସମିର କୁମାର ରାଉତ।

## ଜିଲା ଓଏଏସ ସଙ୍ଘର ବୈଠକ, ନୂତନ କର୍ମକର୍ତ୍ତା ମନୋନୀତ



**କୋରାପୁଟ,(ଡିକେ ନ୍ୟୁଜ):** ଓଡିଶା ପ୍ରଶାସନିକ ସେବା କୋରାପୁଟ ଜିଲା ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଆଗାମୀ ଦିନ ପାଇଁ ନୂତନ କର୍ମ କର୍ତ୍ତା ମନୋନୀତ ହୋଇଛନ୍ତି। ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରରେ ଆୟୋଜିତ ବୈଠକରେ ଅତିରକ୍ତ ଜିଲାପାଳ ଦେବୀପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଓଡିଶା ପ୍ରଶାସନିକ ସେବା ବିଭାଗର ଯୁଗ୍ମ ଶଚିବ ଅନିତା ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂଘର ବିର୍ଭିନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏହାସହ ସଂଘର ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟ ନେଇ ପ୍ରତି ଦୁଇମାସ ରେ ଥରେ ଲେଖାଏଁ ବୈଠକ କରାଯିବା। ପ୍ରତି ତିନିମାସ ରେ ଥରେ ଲେଖାଏଁ ସମସ୍ତ ସଭ୍ୟ ଓ ସଭ୍ୟା ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ଉପରେ ଉପରେ ଆଲୋଚନା କରାଯାଇଥିଲା। ଶେଷରେ ଜିଲା ଶାଖାର କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ଶ୍ରୀ ମହାନ୍ତି ସଭାପତି, ଉପଜିଲାପାଳ ପ୍ରେମଲାଲ ହିଆଲ ସମ୍ପାଦକ, ଭାବେ ମନୋନୀତ ହୋଇଛନ୍ତି। ଅନ୍ୟମାନଙ୍କ ମାଧରେ ବିକ୍ରମ ଦେବ ମହାବିଦ୍ୟାଳୟର ରେଜିଷ୍ଟ୍ରାର ମହେଶ୍ୱର ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲାପରିଷଦ ନିର୍ବାହୀ ଅଧିକାରୀ ବେଣୁଧର ଶବର, ଜୟପୁର ଆଇଟି ଡ଼ିଏ ପ୍ରକଳ୍ପ ପ୍ରଶାସିକା ତୃପ୍ତି ବରାହଙ୍କ ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଡେପୁଟି କଲେକ୍ଟର ଏବଂ ଜିଲାର ବିର୍ଭିନ ବ୍ଲକର ଗୋଷ୍ଠି ଉର୍ନୟନ ଅଧିକାରୀ, ତହସିଲ ଦାର ମାନେ ଉପସ୍ଥିତ ଥିଲେ। ଏହି ବୈଠକକୁ ସମସ୍ତ ଗୋଷ୍ଠି ଉର୍ନୟନ ଅଧିକାରୀ ଓ ତହସିଲଦାରମାନଙ୍କୁ ଡକାଯାଇଥିଲେ ବି ବୈଠକରେ ଯୋଗଦେଇ ନଥିବାରୁ ବୈଠକରେ ଅସନ୍ତୋଷ ଦେଖାଥିଲା।

## ନାବାଳିକା ନିଖୋଜ ଅଭିଯୋଗ

**ନାଉଗାଁ,(ଡିକେ ନ୍ୟୁଜ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ଚାନ୍ଦଖାଁପାଟଣ ଗ୍ରାମର ନାବାଳିକା ଝିଅ ଘରୁ କୁଆଡେ ପଳାଯାଇଥିବା ନେଇ ନାବାଳିକାର ବାପା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଭିତିକରି ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରୀ ରହିଥିବା ଥାନାଧିକାରୀ ପ୍ରଦିପ୍ତ କାନୁନଗୋ କହିଛନ୍ତି। ଝିଅର ବାପାଙ୍କ ଅଭିଯୋଗ ମୁତାବକ ସେ ଓ ତାଙ୍କ ପତ୍ନୀ ବିଲକୁ କାମ କରିବାକୁ ଯାଇଥିଲେ। ଘରେ ନ ଥିବା ବେଳେ ଏହାର ସୁଯୋଗ ନେଇ ତାଙ୍କ ଝିଅ କୁଆଡେ ପଳାଇ ଯାଇଛି। ବନ୍ଧୁବାନ୍ଧବ ଘର ସହିତ ବିଭିନ୍ନ ସ୍ଥାନ ଖୋଜାଖି କରିଥିଲେ ମଧ୍ୟ ତା'ର କୌଣସି ସନ୍ଧାନ ପାଇଲୁ ନାହିଁ। ସେ ଗଲା ବେଳେ କଳା ରଙ୍ଗର ପ୍ୟାଂଟ ଓ ଧଳା ରଂଗର ସାର୍ଟ ପିନ୍ଧିଥିବା ଅଭିଯୋଗ ଦର୍ଶାଯାଇଛି।

# ତାଳଚେର କୋଇଲା ଖଣି ମଜଦୁର ସଂଘ ପକ୍ଷରୁ ଗଣ ଧାରଣା

**ଅନୁଗୁଳ,(ଡିକେ ନ୍ୟୁଜ):** ଜିଲ୍ଲାର ତାଳଚେର ଅଞ୍ଚଳରେ ମହାନଦୀ କୋଲ ଫିଲ୍ଡ ଲିମିଟେଡର ଅନେକ କୋଇଲା ଖଣି ଅବସ୍ଥିତ। ଓଡ଼ିଶାରୁ ପର୍ଯ୍ୟାପ୍ତ ପରିମାଣର କୋଇଲା ଏଠାରୁ ଉତ୍ପାଦନ ଓ ପରିବହନ ହୋଇ ସରକାରଙ୍କୁ ସିଂହଭାଗ ରାଜସ୍ୱ ମିଳେ। ଏହା କେବଳ କୋଇଲା ଖଣିରେ କାର୍ଯ୍ୟରତ ଶ୍ରମିକ ମାନଙ୍କ ଯୋଗୁଁ ସମ୍ଭବ ହୋଇଥାଏ। ତେବେ ବର୍ତ୍ତମାନ ମଜଦୂର ମାନଙ୍କ ସ୍ୱାସ୍ଥ୍ୟ ସେବାରେ ନିୟୋଜିତ ଡାକ୍ତରମାନଙ୍କ ମନମୁଖୀ କାର୍ଯ୍ୟ ସମସ୍ତଙ୍କୁ ଅତିଷ୍ଠ କଲାଣି ଏବଂ ଅଭିଯୋଗ ହୁଏ ଯେ, ଡାକ୍ତରମାନେ ମନଇଚ୍ଛା ଡାକ୍ତରଖାନାକୁ ଆସି ଡ୍ୟୁଟି ମଧ ଠିକ୍ ରୂପେ କରୁନାହାନ୍ତି ଓ ଔଷଧ ମଧ ମିଳୁନାହିଁ। କାରଣ ସେମାନଙ୍କୁ ମିଳୁଥିବା ସ୍ୱାସ୍ଥ୍ୟସେବାରେ ଅବହେଳା



ତଥା ଶ୍ରମିକଙ୍କୁ ଡାକ୍ତରମାନଙ୍କ ଦୁର୍ବ୍ୟବହାର ପାଇଁ ସମଗ୍ର ଅଞ୍ଚଳରେ ଅସନ୍ତୋଷ ବ୍ୟାପିବାରେ ଲାଗିଲାଣି। ଏପରି ଅଭିଯୋଗ ଆଣିଛନ୍ତି ତାଳଚେର କୋଇଲା ଖଣି ମଜଦୂର ସଂଘ। ଏହି ପରିପ୍ରେକ୍ଷୀରେ ଅଖିଳ ଭାରତୀୟ କୋଇଲା ଖଣି ମଜଦୂର ସଂଘର କାର୍ଯ୍ୟକାରୀ ଅଧ୍ୟକ୍ଷ ରଞ୍ଜନ ବେହେରା ଏବଂ ତାଳଚେର କୋଇଲା ଖଣି ମଜଦୂର ସଂଘର ଅଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ସଂଘର ଶତାଧିକ ସଦସ୍ୟ, ସଦସ୍ୟା ସମ୍ମିଳିତ ହୋଇ ଆଠ ଦଫା ଦାବି ନେଇ ଗଣ ଧାରଣା ଦେଇଛନ୍ତି। ଏମସିଏଲ୍ ଜଗନ୍ନାଥ କ୍ଷେତ୍ର ମହା ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସାମନାରେ ଗଣ ଧାରଣା ଦିଆଯାଇ ଏହାର ଆଶୁ ସମାଧାନ ପାଇଁ ଦାବି କରାଯାଇଛି। ଧାରଣା ପ୍ରଦର୍ଶନରେ ରଞ୍ଜନ ବେହେରା, କିଶୋର ଚନ୍ଦ୍ର ପ୍ରଧାନଙ୍କ ସହିତ ତାଳଚେର କୋଇଲା ଖଣି ମଜଦୂର ସଂଘ ର କାର୍ଯ୍ୟକାରୀ ଅଧ୍ୟକ୍ଷ ସୁଦର୍ଶନ ମହାନ୍ତି, ଉପାଧ୍ୟକ୍ଷ ସଂଜିତ୍ ମହାପାତ୍ର, ଉପ ମହାସଚିବ ଅଜୟ ସାହୁ, କୋଷାଧ୍ୟକ୍ଷ ଅଜୟ ପାଢୀ, କାର୍ଯ୍ୟାଳୟ ସଚିବ ସୌଭାଗ୍ୟ କୁମାର ଦାଶ, ଉପାଧ୍ୟକ୍ଷ ବିଶ୍ୱନାଥ ବେହେରା, ଉପାଧ୍ୟକ୍ଷ ବିଭୂତି ଭୂଷଣ ପ୍ରଧାନ, ସଂଗଠନ ସଚିବ ଶରତ ବିଶ୍ୱାଳ, ଉପାଧ୍ୟକ୍ଷ ସରୋଜ ପ୍ରଧାନ, ସଚିବ ଅଜିତ ସାମଲ ପ୍ରମୁଖ ଯୋଗ ଦେଇ ଶତାଧିକ ବିଏମସ କର୍ମୀଙ୍କ ସଂଗଠନ ମଜଦୁର ପରାକାଷ୍ଠା ଦେଖାଇ ଥିଲେ। ଏହି ଧାରଣା ପ୍ରଦର୍ଶନରେ ଭାରତ ମାତା କି ଜୟ ନାରରେ ଧ୍ୱନୀରେ ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା।

## ମହାଲକ୍ଷ୍ମୀ ମନ୍ଦିରରେ ରତ୍ନମୁଦ ସ୍ଥାପନ



**କଲ୍ୟାଣସିଂହପୁର,(ଡିକେ ନ୍ୟୁଜ):** ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସଦର ଜଗନ୍ନାଥ ମନ୍ଦିର ପରିସରରେ ଥିବା ମହାଲକ୍ଷ୍ମୀ ମନ୍ଦିରରେ ରତ୍ନମୁଦ ସ୍ଥାପନ କରାଯାଇଛି। ଆଜି ସକାଳୁ କାଳବୈଶାଖୀ ତାଣ୍ଡବରେ ଘଡଘଡି ସହ ପ୍ରବଳ ବର୍ଷା ହୋଇଥିଲେ ମଧ ଅକ୍ଷିତୃତୀୟା ଅବସରରେ ପୂଜାକଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ସୂର୍ଯ୍ୟ ପୂଜା,ମଣ୍ଡଳ ପୂଜା, ଦେବତା ପ୍ରତିଷ୍ଠା, ଲକ୍ଷ୍ମୀଙ୍କ ମହାସ୍ନାନ, ବାର୍ଷିକ ଉତ୍ସବ, ମହାଲକ୍ଷ୍ମୀ ମନ୍ଦିରରେ ରତ୍ନମୁଦ ସ୍ଥାପନ କରାଯାଇଛି। ଏହି ଅବସରରେ ସକାଳ ୬ଘଣ୍ଟା ଠାରୁ ନାମ ସଂକୀର୍ତ୍ତନ ଆରମ୍ଭ କରାଯାଇଛି। ମନ୍ଦିର ପକ୍ଷରୁ ପ୍ରାୟ ୩ ହଜାର ଭକ୍ତଙ୍କ ନିମନ୍ତେ ପ୍ରସାଦ ବ୍ୟବସ୍ଥା କରାଯାଇଛି। ମଧାହ୍ନ ଠାରୁ ଭାଗ ଅନୁକୂଳ ରହିଥିବାରୁ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିବା ଦେଖିବାକୁ ମିଳିଛି। ଏହି କାର୍ଯ୍ୟକ୍ରମରେ ଗ୍ରାମର ବ୍ରାହ୍ମଣମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଅକ୍ଷିତୃତୀୟା ଅବସରରେ ଶ୍ରୀଜଗନ୍ନାଥ ମନ୍ଦିରରେ ରୀତିନୀତି ଅନୁଯାୟୀ ନୂତନ ରଥ କାଠକୁ ପୁରହିତଙ୍କ ଦ୍ୱାରା ଅନୁକୂଳ କରାଯାଇଛି।

# ମାଧ୍ୟମିକ ଶିକ୍ଷାବିଭାଗ ପକ୍ଷରୁ ୧୨ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ

**ଖୋର୍ଦ୍ଧା, (ଡିକେ ନ୍ୟୁଜ):** ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟଙ୍କ ସଭାପତିତ୍ୱରେ ଖୋର୍ଦ୍ଧା ଜିଲ୍ଲା ମାଧ୍ୟମିକ ଶିକ୍ଷା ବିଭାଗ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଓ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ବର୍ଦ୍ଧନା ସଭାରେ ଶ୍ରୀମତୀ ରାୟ ଅବସର ଗ୍ରହଣ କରିଥିବା ଶିକ୍ଷକ, ଶିକ୍ଷୟତ୍ରୀ, ବରିଷ୍ଠ ଓ କନିଷ୍ଠ ସହାୟକ, ଚତୁର୍ଥ ଶ୍ରେଣୀ କର୍ମଚାରୀ ଯେଉଁମାନେ ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି ସେମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିବା ସହ ଅବସର କାଳୀନ ଜୀବନ ସୁଖ, ଶାନ୍ତି, ନିରାମୟ ଆନନ୍ଦ ଉଲ୍ଲାସରେ କଟୁ ବୋଲି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରି ନିଜ ବକ୍ତବ୍ୟରେ ସେମାନଙ୍କର ଦୀର୍ଘାୟୁ ନୀରୋଗୀ ଜୀବନ ଯାପନ କାମନା କରିଥିଲେ। ଅବସର କର୍ମଚାରିମାନଙ୍କ ମଧ୍ୟରେ ଭଗବତୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଟି.ଜି.ଟି. କଳା ଶିକ୍ଷୟତ୍ରୀ ସୁପ୍ରଭା ବିଶ୍ୱାଳ, ଗେଡିଆ ପାଲ୍ଲି ସରକାରୀ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷୟତ୍ରୀ ତୃପ୍ତି ପଟ୍ଟନାୟକ, ବି.ଜେ.ବି.ନଗର ହରିହର ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ଜ୍ୟୋର୍ତିମୟୀ ପାତ୍ର, ସରକନା ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସଚ୍ଚିଦାନନ୍ଦ ବିଶ୍ୱାଳ, ବାରୀମୁଣ୍ଡ ବାପୂଜୀ ସରକାରୀ ଉଚ୍ଚ ବିଦ୍ୟାଳୟର ପି.ଇ.ଟି. ଅନନ୍ତ ଚରଣ ସାହୁ, ପରିଛଳ ସରକାରୀ ଉଚ୍ଚ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ନୀଳକଣ୍ଠ ସାହୁ, ସାନପଦର ବି.ସି.ସରକାରୀ ଉଚ୍ଚ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଅନୀଲ କୁମାର ଦଳାଇ, ନାଚୁଣୀ ଗୋଦାବରୀଶ ଉଚ୍ଚ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଗୋପୀନାଥ ଷଡ଼ଙ୍ଗୀ, ନୂଆପଡ଼ା ପି.କେ.ବିଦ୍ୟା ନିକେତନର ଚତୁର୍ଥ ଶ୍ରେଣୀ କର୍ମଚାରୀ ଦୀନବନ୍ଧୁ ଜେନା, ବାଙ୍କୋଇ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାବୁଲ୍ ହସନ୍ ଖାଁ, ଟାଙ୍ଗୀ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର କନିଷ୍ଠ ସହାୟକ ଶରତ କୁମାର ଦାସ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ର ବରିଷ୍ଠ ସହାୟକ ବାସୁଦେବ ମହାପାତ୍ରଙ୍କୁ ପୂର୍ଣ୍ଣାଙ୍ଗ ଅବସରକାଳୀନ ପେନସନ ନିର୍ଦ୍ଦେଶାନାମା ପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସୋନାମିକା ରାୟଙ୍କ ସମେତ ବିଇଓ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଏ.ଡି.ଇ.ଓ, ସମସ୍ତ ଅଧିକାରୀ ଓ କର୍ମଚାରୀ ମାନେ ଯୋଗଦେଇ ଅବସର ଗ୍ରହଣ କରିଥିବା କର୍ମଚାରୀ ମାନଙ୍କ ନିରାମୟ ଜୀବନଯାପନ କାମନା କରିଥିଲେ।

## ଗଜପତିରେ ସ୍ୱାସ୍ଥ୍ୟ ବିଭାଗ ସଚିବଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

**ପାରଳାଖେମୁଣ୍ଡ, (ଡିକେ ନ୍ୟୁଜ):** ସ୍ୱାସ୍ଥ୍ୟ ବିଭାଗର ସଚିବ ତଥା ଗଜପତି ଜିଲ୍ଲା ନୋଡାଲ ଅଧିକାରୀ ଆଶ୍ୱତୀ ଏସଙ୍କ ଦିନିକିଆ ଗସ୍ତରେ ଗଜପତି ଜିଲ୍ଲାର ମୋହନା ବ୍ଲକର ବିଭିନ୍ନ କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ବିଭିନ୍ନ ଉଉୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସେ ମୋହନାରେ ପହଞ୍ଚି ସ୍ଥାନୀୟ ସ୍କିଲ ଡେଭଲପମେଣ୍ଟ ସେଣ୍ଟର, ଓଏଲଏମ୍ ମିଶନ ଶକ୍ତି ଗୃହ ପରିଦର୍ଶନ କରିବା ସହିତ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ପରେ ପିଏମଶ୍ରୀ ଏସଏସଡ଼ି ହାଇସ୍କୁଲ ଓ ଛାତ୍ରୀ ନିବାସରେ ପହଞ୍ଚି ଆନୁଷଙ୍ଗିକ ବ୍ୟବସ୍ଥା ନେଇ ଅନୁଧାନ କରିବା ସହ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଗୁରୁ ଦାୟିତ୍ୱ ନେବେ ବୋଲି କହିଥିଲେ। ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧାନ କରି ରୋଗୀଙ୍କ ସହିତ ଆଲୋଚନା କରିଥଲେ। ସମସ୍ତ ସୁବିଧା ଓ ସେବା ଉନ୍ନତମାନର ମିଳୁଥିବା ଶୁଣି କମିଶନର ଖୁସି ବ୍ୟକ୍ତ କରିଥିଲେ. ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ତମ ଜିରାଙ୍ଗ ସ୍ଥିତ ବୌଦ୍ଧ ମନ୍ଦିର ଏବଂ



ଏହାର ଉନ୍ନତି କାର୍ଯ୍ୟର ସମୀକ୍ଷା କରିବା ସହ ବିଭିନ୍ନ କାର୍ଯ୍ୟକାରୀ ଯୋଜନା ଉପରେ ଗୁରୁତ୍ୱ ଦେବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଗସ୍ତ ସମୟରେ ବିଡ଼ିଓ ରାଜୀବ କୁମାର ଦାସ, ଉପଜିଲ୍ଲାପାଳ ଅନୁପ ପଣ୍ଡା, ପିଡ଼ି ଶଙ୍କର କେରକେଟା, ସିଡ଼ିଏମଓ ଡ଼. ମୁବାରକ ଅଲ୍ଲି, ଡ଼ିଇଓ ମାୟାଧର ସାହୁ, ଡ଼ିଡ଼ବ୍ଲୁ ସୋଲମନ୍ ରାଇକା, ତହସିଲଦାର ଚକ୍ରଧର ପାଢ଼ୀ, ବିଇଓ ନରେନ୍ଦ୍ର କୁମାର ବେହେରା, ସିଡ଼ିପିଓ ସବିତା ପଟ୍ଟନାୟକ, ଉଦ୍ୟାନ ବିଭାଗ ଡେପୁଟି ଡାଇରେକ୍ଟର ରଞ୍ଜିତ ତ୍ରିପାଠୀଙ୍କ ସମେତ ବ୍ଲକର ପଦାଧିକାରୀ ଉପସ୍ଥିତ ଥିଲେ।

# ଆଦି ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

**ପୁରୀ,(ଡିକେ ନ୍ୟୁଜ):** ଗୋବର୍ଦ୍ଧନ ପୀଠ ପକ୍ଷରୁ ଆୟୋଜିତ ହେବାକୁ ଥିବା ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କ ୨୫୩୨ତମ ଜୟନ୍ତୀ ଉପଲକ୍ଷେ ବୁଧବାର ପୂର୍ବାହ୍ନରେ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପ-ଜିଲ୍ଲାପାଳ ରାଜ କିଶୋର ଜେନା ବୈଠକରେ ଅଧ୍ୟକ୍ଷତା କରି ସମସ୍ତ ଦାୟିତ୍ୱକୁ ଶୃଙ୍ଖଳାର ସହ ନିର୍ବାହ କରିବାକୁ ବିଭିନ୍ନ ବିଭାଗକୁ ପରାମର୍ଶ ଦେଇଥିଲେ। ବୈଶାଖ ଶୁକ୍ଳ ଚତୁର୍ଥୀ ମେ ୧ ରୁ ଆରମ୍ଭ ହୋଇ ବୈଶାଖ ଶୁକ୍ଳ ଦଶମୀ ମେ ୭ ପର୍ଯ୍ୟନ୍ତ ସପ୍ତ ଦିନ ବ୍ୟାପି ଶଙ୍କରାଚାର୍ଯ୍ୟ ମଠରେ ପାଳନ କରାଯିବ। ମେ ୨ ତାରିଖ ଶୁକ୍ରବାର ଅପରାହ୍ନ ୩ଟା ରେ ଏକ ଭବ୍ୟ ଶୋଭାଯାତ୍ରାରେ ବାହାରିବ। ଶୋଭାଯାତ୍ରାରେ ପ୍ରାୟ ଏକ ହଜାର ଭକ୍ତ ଗୋବର୍ଦ୍ଧନ ମଠରୁ ବାହାରି, ବାଲିସାହି, ସିଂହଦ୍ୱାର ଗୁମୁଟ ଦର୍ଶନ କରି (କେବଳ ଆଦି ଶଙ୍କରାଚାର୍ଯ୍ୟଙ୍କ ଚଳନ୍ତି ପ୍ରତିମା), ଦୋଳମଣ୍ଡପ ସାହି, ମୋଚିସାହି ଛକ, ରାମଚଣ୍ଡୀ ସାହି ଦେଇ, ମରିଚିକୋଟ ଛକ, ବଡଦାଣ୍ଡ, ରାଜା ନଅର, ଦୋଳବେଦୀ, ଗାଣ୍ଡୁଆ ଚୌରାଛକ, ହରଚଣ୍ଡୀ ସାହି, ଗୌଡବାଡ ସାହି, କାମାକ୍ଷା ମନ୍ଦିର, ସତାସନ ରୋଡ ଦେଇ, ନାରାୟଣ ଘାଟ, କାଞ୍ଚିକାମକୋଟି ମଠ ଓ ସୋଲାଖିଆ ବରଗଛ ଦେଇ ଗୋବର୍ଦ୍ଧନ ମଠକୁ ପ୍ରତ୍ୟାବର୍ତ୍ତନ କରିବ। ଏହି ଶୋଭାଯାତ୍ରାରେ ଆଦି ଶଙ୍କରଙ୍କ ରଥ ଛତ୍ରୀ, ତରାସ, ଦୁହୁଡି, ଘଣ୍ଟ, କାହାଳୀ, ସଂକୀର୍ତ୍ତନ, ପାଇକ ଆଖଡା, ବାଡିଖେଳ ଆଦି ସମର କଳା ଓ ଘୁମରା ନାଚ ଆଦି ଯିବେ ବୋଲି ଶ୍ରୀ ଗୋବର୍ଦ୍ଧନ ପୀଠର ସୂଚନା ଓ ଲୋକସମ୍ପର୍କ ସଚିବ ଦେବାଶିଷ ମିଶ୍ର ସୂଚନା ଦେଇଥିଲେ। ବୈଠକରେ ଜିଲ୍ଲା ପ୍ରଶାସନର ସମସ୍ତ ଅଧିକାରୀଙ୍କ ସହ ମଠ ପକ୍ଷରୁ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ରାମଚନ୍ଦ୍ର ଦଳେଇ, ତନ୍ମୟ ଚାଟାର୍ଜୀ, ବିଶ୍ୱଶାନ୍ତି ତ୍ରିପାଠୀ ଉପସ୍ଥିତ ଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଏକ ପେଡ୍ ମା କି ନାମ୍' ନାରାରେ ବ୍ୟାପକ ବୃକ୍ଷ ରୋପଣ କରିବାର ଆବଶ୍ୟକତା ରହିଛି: ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ

**ପାରାଦ୍ୱୀପ,(ଡିକେ ନ୍ୟୁଜ):** ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଆଜି ପାରାଦ୍ୱୀପ ପୌରପାଳିକା ଅନ୍ତର୍ଗତ ପାରାଦ୍ୱୀପ ବେଳାଭୂମିରେ ଥିବା ବିଜ୍ଞାନ ଉଦ୍ୟାନରେ ପୌରାଧ୍ୟକ୍ଷ, ପୌରପାଳିକା ଅଧିକାରୀ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସହ ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ବୃକ୍ଷରୋପଣ କରିଥିଲେ ପାରାଦୀପ ବିଧାୟକ ବା ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ବର୍ତ୍ତମାନ ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଚିନ୍ତାର ବିଷୟ ପାଲଟିଛି। ଏହି ସମସ୍ୟାର ସମାଧାନ ପାଇଁ ବୃକ୍ଷରୋପଣ କରିବା ନିତ୍ୟାନ୍ତ ଜରୁରୀ। ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ଆହ୍ୱାନକ୍ରମେ ଜନସାଧାରଣ ଗଛ ଲଗାଇବା ଅତ୍ୟନ୍ତ ଖୁସିର ବିଷୟ। ପବିତ୍ର ଅକ୍ଷୀତୃତିୟା ଦିବସ ଅବସରରେ ପରିବେଶକୁ ସୁରକ୍ଷା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଭବିଷ୍ୟତ ସବୁଜିମା କରିବା ପାଇଁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଆଜି ପାରାଦୀପ ମୁନସିପାଲିଟି ତତ୍ତ୍ୱାବଧାନରେ ଓଏଫଡ଼ିସି ସହଯୋଗ କ୍ରମେ ପାରାଦୀପ ସ୍ଥିତ ସାଇନ୍ସ ପାର୍କରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ନାରା 'ଏକ୍ ପେଡ୍ ମା'କେ ନାମ୍' ନୁଯାୟୀ ବ୍ୟାପକ ବୃକ୍ଷ ରୋପଣ କରିବାର ଆବଶ୍ୟକ ରହିଛି ବୋଲି କହିଛନ୍ତି ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ଆମ ରାଜ୍ୟରେ ସବୁଜିମା ସୃଷ୍ଟି କରିବା ପାଇଁ ବୃକ୍ଷ ରୋପଣ କରିବା ଆମ ସମସ୍ତଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ଅତିଥିମାନେ କହିବା ସହିତ ଆଜିର ଏହି ଅକ୍ଷୟ ତୃତୀୟା ଅବସରରେ ବୃକ୍ଷରୋପଣ ଆରମ୍ଭ ହୋଇଛି।

# ଆନ୍ତର୍ଜାତିକ ଜିଲ୍ଲାସ୍ତରୀୟ ସମବାୟ ପାଳନ ଅବସରରେ ଟେମରା ସମବାୟ ସମିତି ସମ୍ବର୍ଦ୍ଧିତ

**ଧର୍ମଗଡ,(ଡିକେ ନ୍ୟୁଜ):** ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ ପାଳନ ଅବସରରେ ଆଜି କଳାହାଣ୍ଡି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ସ୍ଥାନୀୟ ଟାଉନହଲ ଭବାନୀପାଟଣା ଠାରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ସୁଧୀର ରଞ୍ଜନ ପାଟଯୋଷୀ ବିଧାୟକ ଜୁନାଗଡ ଦିବ୍ୟ ଶଙ୍କର ମିଶ୍ର, ବିଧାୟକ, ଅଧ୍ୟକ୍ଷ ଜିଲ୍ଲାପରିଷଦ ପୁଷ୍ପେନ୍ଦ୍ର ସିଂହଦେଓ, କେନ୍ଦ୍ର ସମବାୟ ବ୍ୟାଙ୍କ ଭବାନୀପାଟନା ସଭାପତି ଗିରୀଶ ଚନ୍ଦ୍ର ବେହେରା,ଏମ୍ପି, କଳାହାଣ୍ଡିଙ୍କ ପ୍ରତିନିଧି ଜୟଶଙ୍କର ନାୟକ,ମୁଖ୍ୟ



ବକ୍ତା ଭାବେ ଡକ୍ଟର ଉମେଶଚନ୍ଦ୍ର ଶତପଥି, ଉପ ନିବନ୍ଧକ ସମବାୟ ସମିତି ପ୍ରମୋଦ କୁମାର ସାହୁ, ଏଆରସିଏସ, ମଧୁସୂଦନ ମେହେର, ସମବାୟ ବ୍ୟାଙ୍କ ନିର୍ବାହୀ ଅଧିକାରୀ ବନଲତା ଧଳ ଯୋଗଦେଇ କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମା ମାଣିକେଶ୍ୱରୀଙ୍କ ଫଟୋ ଚିତ୍ରରେ ପୂଜାର୍ଚ୍ଚନା ପରେ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ ଅବସରରେ ମଧୁବାବୁଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଆନ୍ତର୍ଜାତିକ ସମବାୟ ବର୍ଷ ସଶକ୍ତ ସମବାୟ, ସୁଦୃଢ ସମାଜ, ସମୃଦ୍ଧ ଜୀବନ ଓଡିଶା ସମବାୟ ଆନ୍ଦୋଳନର କର୍ଣ୍ଣ ଧାର ମଧୁସୂଦନ ଦାସଙ୍କ ଭୂମିକା, ମଧୁବାବୁଙ୍କ ଆଦର୍ଶ ଜୀବନୀ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ କ୍ଷେତ୍ରରେ ଦଳ ମତ ନିର୍ବିଶେଷରେ ସମସ୍ତଙ୍କର ସହଯୋଗ ର ଆବଶ୍ୟକତା, ସମବାୟ ଆନ୍ଦୋଳନର ଭୂମିକା ସମ୍ପର୍କରେ ସମସ୍ତ ଅତିଥି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କୋକସରା ବ୍ଲକ ଟେମରା ସମବାୟ ସମିତିର ଉତ୍କର୍ଷତା କାର୍ଯ୍ୟ ସମ୍ପାଦନ ପାଇଁ ପେକ୍ସ ସଭାପତି ନବୀନ ପୁଝାରି ଓ ସମ୍ପାଦକ ରଞ୍ଜନ କୁମାର ପାଣିଗ୍ରାହୀଙ୍କୁ ମାନପତ୍ର ଓ ପ୍ରୋତ୍ସାହନ ରାଶି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଭୂତକୋଠି ପାଲଟିଛି ନୂଆଗଡ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା

**ପାରଳାଖେମୁଣ୍ଡି,(ଡିକେ ନ୍ୟୁଜ):** ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ଅନ୍ତର୍ଗତ ଖଜୁରୀପଦା ଠାରେ ରହିଥିବା ପୂର୍ତ୍ତ ବିଭାଗର ଡାକ ବଙ୍ଗଳା ଏବେ ଭୂତକୋଠି ପାଲଟିଛି। ବିଭାଗୀୟ ଅଧିକାରୀଙ୍କ ସୁରକ୍ଷା ପ୍ରତି ଦାୟିତ୍ୱହୀନତା ସହ ରକ୍ଷଣାବେକ୍ଷଣର ଅଭାବ ଏବଂ ଖାମଖିଆଲି ନୀତି ଯୋଗୁ ଏଭଳି ପଡ଼ି ରହିଥିବା ଅଭିଯୋଗ ହେଉଛି। ବିଭାଗୀୟ ସହକାରୀ ଯନ୍ତ୍ରୀ, କର୍ମଚାରୀମାନଙ୍କ ବାସ ଗୃହ ଏବଂ ଡାକ ବଙ୍ଗଳା କୋଠା ଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାରେ ଭାଙ୍ଗି ଚୁରୁମାର ହୋଇରହିଛି। କେଉଁଠି ଟିଣ କଣା ହୋଇ ପାଣି ଗଳିବା ସହ ସୂର୍ଯ୍ୟ ଚନ୍ଦ୍ର ଦେଖା ଯାଉଛି କିଛି କିଛି ସ୍ଥାନର କାନ୍ଥ ଫାଟି ଆଁ କଲାଣି ତ କେଉଁଠି କାନ୍ଥ ଭୁଶୁଡ଼ି ପଡ଼ିବାରେ ଲାଗିଛି। ବଙ୍ଗଳାର ପରିସର ଗଛ ଉଠି ଲଟା ବୁଦା ହୋଇ ଜଙ୍ଗଲ ପାଲଟିଛି।



ସହକାରୀ ଯନ୍ତ୍ରୀଙ୍କ ବାସଗୃହ ଏବଂ ବଙ୍ଗଳା ପରିସର ଏବେ ଅପରିଷ୍କାର ଭାବେ ପଡ଼ି ରହୁଛି। ବର୍ଷ ତମାମ ସମ୍ମୁଖ ଫାଟକ ଏବଂ କବାଟରେ ତାଲା ଝୁଲି ରହୁ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ବଙ୍ଗଳା ପରିସରରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ସହକାରୀ ଯନ୍ତ୍ରୀ ଓ କୌଣସି କର୍ମଚାରୀ କିମ୍ବା ଗୋଟିଏ ବି ଜଗୁଆଳି ରହୁ ନାହାନ୍ତି। ତେଣୁ ଏବେ ଅସାମାଜିକ ବ୍ୟକ୍ତି ମଦୁଆ, ଯୁଆଡିଆମାନଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ବଙ୍ଗଳାର ସୁରକ୍ଷା ଦାୟିତ୍ୱ ନିମନ୍ତେ ବାରମ୍ବାର ଅଭିଯୋଗ କଲେ। ବିଭାଗୀୟ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନଥିବା ସ୍ଥାନୀୟ ଲୋକେ ଅଭିଯୋଗ ହେଉଛି। ଏହି ବଙ୍ଗଳା ୩୨୬(ଏ) ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ। ଡାକ ବଙ୍ଗଳାରେ ପୂର୍ବରୁ ବିଭିନ୍ନ ସମୟରେ ବଡ଼ବଡ଼ିଆ ମାନେ ଏଠାରେ ବିଶ୍ରାମ ନେବା ସହ କିଛି କାର୍ଯ୍ୟକ୍ରମରେ ବଙ୍ଗଳା ବ୍ୟବହାର ହେଉଥିଲା। ପୂର୍ତ୍ତ ବିଭାଗର ପରିଦର୍ଶନ ଡାକ ବଙ୍ଗଳା ଅଛି ହେଲେ କାମରେ ଲାଗୁନ ଥିବା ଚର୍ଚ୍ଚା ହେଉଛି। ସୂଚନାଅନୁସାରେ ପୂର୍ବରୁ ଡାକ ବଙ୍ଗଳାରେ ଗୋଟିଏ ସହକାରୀ ଯନ୍ତ୍ରୀ, ପିଅନ ଓ ରାତି ଜଗୁଆଳି ରହୁଥିଲେ। ବଙ୍ଗଳାର ପରିବେଶ ବି ସଫାସୁତୁରା ରହୁଥିଲା। ବର୍ତ୍ତମାନ ସେଠାରେ କେହି କର୍ମଚାରୀ ନଥିବାରୁ ସବୁବେଳେ ତାଲା ଝୁଲି ରହୁଛି। ତେଣୁ ବଙ୍ଗଳା ଭୂତ କୋଠୀ ପାଲଟି ପରିସର ଅପରିଷ୍କାର, ଅସାମାଜିକଙ୍କ ଆଡ୍ଡାସ୍ଥଳୀ ହୋଇଥିବା ଅଭିଯୋଗ ହେଉଛି।

## ଆଇନମନ୍ତ୍ରୀଙ୍କ ଘୋଷଣା ସ୍ୱାଗତଯୋଗ୍ୟ: ପୀତବାସ ପଣ୍ଡା

**ବ୍ରହ୍ମପୁର,(ଡିକେ ନ୍ୟୁଜ):** ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ଦିଆଯାଉଥିବା ଆର୍ଥିକ ସହାୟତା ରାଶିକୁ ଦଶ କୋଟିରୁ ପନ୍ଦର କୋଟିକୁ ବୃଦ୍ଧି କରାଯିବ ବୋଲି ରାଜ୍ୟ ଆଇନ୍‌ମନ୍ତ୍ରୀ ପୃଥିବୀରାଜ ହରିଚନ୍ଦନଙ୍କ ନିଷ୍ପତ୍ତିକୁ ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ପୀତବାସ ପଣ୍ଡା ସ୍ୱାଗତ କରିଛନ୍ତି। ଗତ ୨୮ ତାରିଖ ଦିନ ହାଇକୋର୍ଟ ବାର୍ ଆସୋସିଏସନ ତରଫରୁ ଆୟୋଜିତ ମଧୁ ବାବୁଙ୍କ ଜୟନ୍ତୀ ତଥା ଆଇନଜୀବୀ ଦିବସରେ ଯୋଗୁ ଦେଇ ଶ୍ରୀ ହରିଚନ୍ଦନ ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ଏଣିକି ପନ୍ଦର କୋଟି ଟଙ୍କା ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ଏହା ସହ ଯୁବ ଆଇନଜୀବୀଙ୍କ ଦକ୍ଷତା ବୃଦ୍ଧି, ଆଇନ ସମ୍ପର୍କରେ ସଚେତନତା ଓ ତାଲିମ୍ ଲାଗି ସରକାର ଲୟର୍ସ ଏକାଡେମୀ ଗଠନ କରିବା ଏବଂ ଓକିଲଙ୍କୁ ସ୍ୱାସ୍ଥ୍ୟ ବୀମାରେ ସାମିଲ୍ କରିବାକୁ ସେ ଚେଷ୍ଟା କରିବେ ବୋଲି ଆଇନ ମନ୍ତ୍ରୀ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଏହା ଫଳରେ ରାଜ୍ୟର ପ୍ରାୟ ପଚିଶ ହଜାର ଓକିଲ ଲାଭବାନ ହେବେ। ଦୀର୍ଘ ଦିନ ଧରି ଉପରୋକ୍ତ ଦାବୀ ଗୁଡିକ ଓକିଲଙ୍କ ତରଫରୁ ଦାବୀ ହୋଇ ଆସୁଥିବା ବେଳେ ତତକାଳୀନ ନବୀନ ସରକାର କର୍ଣ୍ଣପାତ କରୁନଥିଲେ। ଅତଏବ ଆଇନମନ୍ତ୍ରୀଙ୍କ ଘୋଷଣା ସ୍ୱାଗତଯୋଗ୍ୟ ଓ ଏଥିରେ ସମସ୍ତ ଆଇନଜୀବୀ ଖୁସୀ ବୋଲି ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ପୀତବାସ ପଣ୍ଡା ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

### ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ରବି ଧାନ କ୍ରୟ କମିଟି ବୈଠକ

## ଜିଲ୍ଲାରେ ମେ ୧୫ରୁ ରବି ଧାନ କ୍ରୟ ଆରମ୍ଭ

**ସୁବର୍ଣ୍ଣପୁର,(ଡିକେ ନ୍ୟୁଜ):** ସୁବର୍ଣ୍ଣପୁର ଜିଲ୍ଲାରେ ରବିଧାନ କ୍ରୟ ନିମନ୍ତେ ଜିଲ୍ଲା ସ୍ତରୀୟ କ୍ରୟ କମିଟି ବୈଠକ ଜିଲ୍ଲାପାଳ ଶ୍ରୀମତୀ ଅନନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ବର୍ଷ ଜିଲ୍ଲାରେ ମଇ ମାସ ୧୫ ତାରିଖରୁ ରବିଧାନ କ୍ରୟ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି । ଏଥି ନିମନ୍ତେ ୬୭ ଗୋଟି ପ୍ୟାକ୍ସ ଓ ପରିବର୍ଦ୍ଧିତ ୦୨ ଗୋଟି କେନ୍ଦ୍ର ସହ ୬୯ ଗୋଟି ଏବଂ ୧୮ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ରହିଥିବା ବେଳେ ସମୁଦାୟ ୮୭ ଗୋଟି ଧାନ କ୍ରୟ କେନ୍ଦ୍ର ଜରିଆରେ ଯୋଗାଣ ନିଗମ ଧାନ କ୍ରୟ କରିବ। ଚଳିତ ବର୍ଷ ସରକାରଙ୍କ ତରଫରୁ ଜିଲ୍ଲା ନିମନ୍ତେ ୧୬୨୫୮୮୦.୦୦ କ୍ୟୁଣ୍ଟାଲ ଧାନ କ୍ରୟର ଲକ୍ଷ ଧାର୍ଯ୍ୟ ରହିଛି ।ରବି ଧାନ କ୍ରୟ ପ୍ରକ୍ରିୟା ନିମନ୍ତେ ଟୋକନ ବ୍ୟବସ୍ଥା କରାଯିବ, ମାତ୍ର ଏକର ପ୍ରତି କେତେ ପରିମାଣରେ ଧାନ କିଣାଯିବ ସେଥିପାଇଁ ରାଜ୍ୟ ସ୍ତରୀୟ କ୍ରୟ କମିଟି ନିଷ୍ପତ୍ତି ଗ୍ରହଣ କଲାପରେ ଜଣାପଡିବ। ଚଳିତ ବର୍ଷ ଧାନ କ୍ରୟ କେନ୍ଦ୍ର ଗୁଡିକରେ ସପ୍ତାହର ୬ ଦିନ ରବିବାର ବ୍ୟତୀତ ସକାଳ ୬.୩୦ ଘଣ୍ଟା ରୁ ପୂର୍ବାହ୍ନ ୧୧ ଘଣ୍ଟା ପର୍ଯ୍ୟନ୍ତ ଧାନ କ୍ରୟ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ପରିସ୍ଥିତିକୁ ଦେଖି ଯଦି ଆବଶ୍ୟକ ପଡେ ତେବେ ରବିବାର ଦିନ ମଧ୍ୟ ମଣ୍ଡି ଚାଲୁ ରହିବ ବୋଲି ସୂଚୀତ କରାଯାଇଛି। ଚଳିତ ବର୍ଷ ରବି ଧାନ ବିକ୍ରୟ କରିବା ପାଇଁ ଜିଲ୍ଲାର ୩୫୪୪୫ ଜଣ ଚାଷୀ ପଞ୍ଜିକରଣ ହୋଇଥିବା ବେଳେ ଗତ ରବିରେ ୩୫୫୬୯ ଜଣ ଚାଷୀ ପଂଜିକୃତ ହୋଇ ୨୦୩୨୩୪୯.୦୬ କ୍ୱିଣ୍ଟାଲ ଧାନ କିଣାଯାଇଥିବା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଗ୍ରୀଷ୍ମ ପ୍ରବାହ ଓ ପ୍ରାକ ମୌସୁମୀକୁ ଦୃଷ୍ଟିରେ ରଖି ସମସ୍ତ ଧାନ କ୍ରୟକେନ୍ଦ୍ର ଗୁଡିକରେ ଯେକୌଣସି ପ୍ରକାର ଆସନ୍ନ ସମସ୍ୟାକୁ ସମ୍ମୁଖୀନ ସହିତ ଉଚିତ ମୁକାବିଲା ନିମନ୍ତେ ପାନୀୟ ଜଳ, ବିଜୁଳି, ତ୍ରପୋଲିନ ଓ ଚାଷୀଙ୍କ ପାଇଁ ଆଶ୍ରୟସ୍ଥଳି, ଗୋଦାମଘର, ଆନାଲେସିସ କିଟ, ମୋଷ୍ଟ୍ୱାର ମିଟର, ତଥା ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ପ୍ରତି ବିଶେଷ ଗୁରୁତ୍ୱ ଦେବା ସହ ଚାଷୀ ଯେପରି ରବି ଧାନ ବିକ୍ରୟକୁ ସହଜ, ସୁବିଧା ଓ ସ୍ୱଚ୍ଛତାର ସହ କରିପାରିବ ସେଥିପ୍ରତି ବିଶେଷ ଯତ୍ନବାନ ହେବାକୁ ଜିଲ୍ଲାପାଳ ତଥା ଅଧକ୍ଷା ଶ୍ରୀମତୀ ଦାସ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ସାଂସଦ ବଲାଙ୍ଗୀର ଶ୍ରୀମତୀ ସଙ୍ଗୀତା କୁମାରୀ ସିଂହଦେଓ ଯୋଗଦାନ କରି ବିଭାଗୀୟ ସମ୍ପୃକ୍ତ ଅଧିକାରୀ ବୃନ୍ଦ ନିଜ ନିଜ ବିଭାଗ ମଧ୍ୟରେ ସୁସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ପୁନଶ୍ଚ ଧାନ କ୍ରୟକୁ ସ୍ୱଚ୍ଛ ତଥା ବ୍ୟବସ୍ଥିତ ପରିଚାଳନା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ବୈଠକରେ ଚାଷୀ ପ୍ରତିନିଧି ତଥା ମିଲର ସଂଘ ପ୍ରତିନିଧି ମାନଙ୍କ ଦ୍ୱାରା ଆଗତ ଗତ ବର୍ଷ ଧାନ କ୍ରୟ ସମୟରେ ଓ ପରେ ଉପୁଜିଥିବା ବିଭିନ୍ନ ସୁବିଧା ଅସୁବିଧା ଉପରେ ଆଲୋଚନା କରାଯାଇ ତ୍ରୁଟିର ସମାଧାନ ଦିଗରେ ଜିଲ୍ଲା ପ୍ରଶାସନ ଗୁରୁତ୍ୱଦେଇ ଚଳିତ ବର୍ଷ ରବିଧାନ କ୍ରୟକୁ ସୁବ୍ୟବସ୍ଥିତ କରାଯିବ ବୋଲି ଜିଲ୍ଲାପାଳ ବୈଠକରେ ସୂଚନା ଦେଇଥିଲେ। ସମ୍ପୃକ୍ତ ସମସ୍ତଙ୍କ ମିଳିତ ସହଯୋଗରେ ଚଳିତ ବର୍ଷ ରବି ଧାନ କ୍ରୟ ଯେପରି ସୁରୁଖୁରୁରେ ସମ୍ପନ୍ନ ହେବ ସେଥିପାଇଁ ସମ୍ପୃକ୍ତ ଅଧିକାରୀ ମାନେ ଆଗୁଆ ପ୍ରସ୍ତୁତିର ସରଜମିନ ଯାଞ୍ଚ ସହ ତୃଣମୂଳ ସ୍ତରରେ ସୁ ସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଧାନ କ୍ରୟକୁ ବ୍ୟବସ୍ଥିତ ତଥା ସୁଚାରୁ ପରିଚାଳନା ନିମନ୍ତେ ଜିଲ୍ଲାର ବରିଷ୍ଠ ଅଧିକାରୀଙ୍କୁ ଆବଶ୍ୟକ ଯାଞ୍ଚ ଓ ନିରୀକ୍ଷଣ ନିମନ୍ତେ ଦାୟିତ୍ୱ ପ୍ରଦାନ କରାଯିବା ଉପରେ ସୂଚୀତ କରାଯାଇଛି । ଅନୁଷ୍ଠିତ ଏହି ବୈଠକରେ ବୀରମହାରାଜପୁର ଉପଜିଲ୍ଲାପାଳ ଶ୍ରୀ ଲଲାଟେନ୍ଦୁ ସି , ମୁଖ୍ୟ ଖାଉଟି ଯୋଗାଣ ଅଧିକାରୀ ନିରଦ ରଞ୍ଜନ ଦାସ, ଜିଲ୍ଲା କୃଷି ଅଧିକାରୀ ଧୀରେନ୍ଦ୍ର ସିଂ ବରିହା, ସମ୍ପାଦକ ନିୟନ୍ତ୍ରିତ ବଜାର କମିଟି, ଜିଲ୍ଲା ସମବାୟ ଉପନିବନ୍ଧକ ସୁବର୍ଣ୍ଣପୁର, ଜିଲ୍ଲା ଚାଷୀ ସଂଗଠନ କର୍ମକର୍ତ୍ତା, ଜିଲ୍ଲା ମିଲର୍ସ ପ୍ରତିନିଧି, କମିଟି ସଦସ୍ୟ ସଦସ୍ୟା ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ଅଧିକାରୀ ଅଂଶ ଗ୍ରହଣ କରି ଆଲୋଚନାରେ ଭାଗ ନେଇଥିଲେ।

## ଶ୍ରୀହୀନ ହୋଇ ପଡିଛି ସରକାରୀ କୃଷି ଫାର୍ମ

**କଲ୍ୟାଣସିଂହପୁର,(ଡିକେ ନ୍ୟୁଜ):** ଦିନ ଥିଲା କୃଷି ଫାର୍ମକୁ ଲୋକମାନେ ଦେଖିବାକୁ ଯାଉଥିଲେ। ସେଠାରେ ଉତ୍ପାଦିତ ହେଉଥିବା ଅଙ୍ଗୁର,କମଳା, ପିଜୁଳି ଆମ୍ବ ନଡ଼ିଆ ସୀତା ଫଳ ଲେମ୍ବୁ ବରକୋଳି ଓ ଧାନ ଚାଷକୁ ଦେଖି କେମିତି ଉନ୍ନତ ମାନର କାର୍ଯ୍ୟ କରି ବି ଓ ଦୁଇ ପଇସା ରୋଜଗାର କରିବି ବୋଲି। କିନ୍ତୁ ସରକାରୀ ଅଧିକାରୀଙ୍କ ଉଦାସୀନତା ଅନିଚ୍ଛା ଯୋଗୁଁ ଆଜି ଶ୍ରୀହୀନ ହୋଇ ପଡି ରହିଥିବା ଦେଖିବାକୁ ମିଳିଛି ।ଏହା ହେଉଛି ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ନାରାୟଣପୁର ଠାରେ ଥିବା ସର୍ବ ପୁରାତନ ସରକାରୀ କୃଷି ଫାର୍ମ। ଏହି ଫାର୍ମକୁ ସରକାର ଚାଷୀର ବୈଧିକ ବିକାଶ ଓ ଚିନ୍ତାଧାରା ବଦଳାଇବା ପାଇଁ ରାଜ୍ୟ ଓ ବାହାର ରାଜ୍ୟରୁ ଚାଷୀଙ୍କୁ ପରିଦର୍ଶନରେ ଆଣି ଶିକ୍ଷା ଦେଉଥିଲେ। ଲୋକେ ଶିକ୍ଷା ଗ୍ରହଣ କରି ଲାଭବାନ ମଧ୍ୟ ହେଉଥିଲେ।ଏହି କୃଷି ଫାର୍ମରେ ୨୧ ଏକରରୁ ଅଧିକ ଜମିରେ ଧାନ ଚାଷ ହେଉଛି।କର୍ପୁର ଉଡି ଯାଉଛି କିନ୍ତୁ କନା ରହି ଯାଇଛି କହିଲେ ଭୁଲ ହେବନାହିଁ। ଏଠାରେ ଥିବା କର୍ମଚାରୀଙ୍କ ଇଚ୍ଛା ଶକ୍ତି ନଥିବାରୁ କିଛି ଜମି ପଡିଆ ପଡୁଥିବା ଦେଖିବାକୁ ମିଳିଛି। ଦିନକୁ ଦିନ ଧାନର ଚାହିଦା ବୃଦ୍ଧି ପାଇଛି କିନ୍ତୁ ଇଚ୍ଛା ଶକ୍ତିର ଅଭାବ ରହିଛି ଯାହାଫଳରେ ଧାନର ଉତ୍ପାଦନ କ୍ଷମତା କମିବାରେ ଲାଗିଛି। ସେହିପରି ଉଦ୍ୟାନ କୃଷି ବଦଳରେ କପା ଚାଷ କରାଯାଉଛି କପା କେତେ ହେଉଛି ବିକ୍ରି ପରେ ଉକ୍ତ ଟଙ୍କାର ହିସାବ ମିଳୁନି ବୋଲି ଚାଷୀ ମାନେ ଅଭିଯୋଗ କରିଛନ୍ତି। ଯାହାକି ଉଦ୍ୟାନ କୃଷିରୁ ଚାଷୀଙ୍କୁ ମନ ବଦଳାଇବା ପାଇଁ ହୀନ ପ୍ରୟାସ ଆରମ୍ଭ କରାଯାଇଛି। ଉଦ୍ୟାନ କୃଷି ପାଇଁ ସରକାର ବିଭିନ୍ନ ଯୋଜନା ଆରମ୍ଭ କରି ଚାଷୀଙ୍କ ଅର୍ଥକୁ ଦୁଇଗୁଣ କରିବା ପାଇଁ ଚେଷ୍ଟା କରୁଥିବା ବେଳେ ଏଠାରେ ବ୍ୟତିକ୍ରମ ହୋଇଛି। ଚାଷୀଙ୍କ ନିମନ୍ତେ ଆସୁଥିବା ଜିନିଷ ଗୁଡିକ ଖତ ଖାଉଛି। ସେହିପରି ଦୀର୍ଘ ପରଶ ବର୍ଷରୁ ଅଧିକ ହେବ ନଡ଼ିଆଗଛ ଲଗାଇ ଚାଷୀଙ୍କୁ ସଚେତନତା ସୃଷ୍ଟି କରାଯାଇ। ବଡ଼ ବଗିଚା ରେ ନଡ଼ିଆ ଗଛ ଲଗାଇବା ପାଇଁ କୁହାଯାଉଥିଲା। କିନ୍ତୁ ପରଶ ବର୍ଷ ଧରି ଲାଗି ରହିଥିବା ନଡ଼ିଆ ଗଛର ଉତ୍ପାଦନ କମିଛି ଓ ଗଛ ଶୁଖି ସୁଖୀ ମରି ଯାଇଛି। ବହୁ ନଡ଼ିଆ ଗଛ ମରି ବଗିଚା ଖାଲି ହେବାକୁ ଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଜିଲ୍ଲା କୃଷି ଅଧିକାରୀଙ୍କ ଅନିଚ୍ଛା କାରଣରୁ ଶ୍ରୀହୀନ ହୋଇ ପଡ଼ିଛି କହିଲେ ଭୁଲ ହେବନାହିଁ।ବର୍ଷ ବର୍ଷ ଧରି ନଡିଆ ଗଛ କୁ ରକ୍ଷଣା ବ୍ୟକ୍ଷଣ ହୋଇ ନଥିବାରୁ ଭଲ ଫଳ ମଧ୍ୟ ଦେଉ ନାହିଁ।ଏହି କୃଷି ଫାର୍ମରେ ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ରହିଥିଲେ ମଧ୍ୟ ବିକାଶ ହେବାର ନା ନେଉନି। କାର୍ଯ୍ୟାଳୟରେ ଠିକ ରୂପେ କର୍ମଚାରୀ ରହୁନଥିବା କି ଠିକ ଭାବେ ଆସୁନଥିବା ରୁ ଚାଷୀ ବିଭିନ୍ନ ପରାମର୍ଶରୁ ବଞ୍ଚିତ ହେଉଛନ୍ତି ।କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ସଚେତନତା ସୃଷ୍ଟି କରିବା ଆଦୌ ହେଉନଥିବାରୁ ଚାଷୀମାନର ଚାଷ କାମ ଛାଡି ଦାଦନ ଚାଲି ଯାଉଛନ୍ତି ବୋଲି ଅଭିଯୋଗ କରିଛନ୍ତି ।କୃଷକ ସାଥୀଙ୍କୁ ଆଜିଯାଏ ଗାଁ ଗଣ୍ଡାର ଚାଷୀ ମାନେ ଚିହ୍ନି ପାରୁ ନାହାଁନ୍ତି। ଏହି ଫାର୍ମରେ କୋଠା ମାନ ନିର୍ମାଣ ହେଉଥିଲେ ମଧ୍ୟ ଅତି ନିମ୍ନମାନର କାର୍ଯ୍ୟ ହୋଇଥବା ଅଭିଯୋଗ ହୋଇଛି। ୬୫ଲକ୍ଷ ଟଙ୍କା ବ୍ୟୟ କରି ପାଚେରୀ ନିର୍ମାଣ କରାଯାଇଛି କିନ୍ତୁ ଚାଷୀଙ୍କ ଉଉତି ହୋଇପାରୁନାହିଁ ଯବିଭିଭ ସମୟରେ ଚାଷୀ ରୋଗ ପୋକ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସମସ୍ୟା ପାଇଁ ଆସିଲେ କାର୍ଯ୍ୟାଳୟରେ କେହି ରହୁ ନଥିବାରୁ ନିରାଶ ରେ ଫେରି ଯାଉଥିବା ଦେଖିବାକୁ ମିଳିଛି। ସରକାରଙ୍କ ବିଭିନ୍ନ ଯୋଜନାରେ ଇନପୁଟ ସବ୍ସିଡି ଚାଷୀଙ୍କୁ ମିଳୁନଥିବାରୁ ଚାଷ ପ୍ରତି ମୁହଁ ଫେରାଉ ଛନ୍ତି ଚାଷୀ।ଉକ୍ତ କୃଷି ଫାର୍ମକୁ ପୁନର୍ଜିବିତ କରିବା ସହ ଚାଷୀଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇବା ସହ ଅଧିକାରୀ ଓ କର୍ମଚାରୀ ମାନେ ଚାଷୀଙ୍କ ସମ୍ପର୍କରେ ଆସିବା ଜରୁରୀ ହୋଇ ପଡିଛି ।ଏଣୁ ଜିଲାପାଳ ଦୃଷ୍ଟି ଦେଇ ଚାଷୀଙ୍କ ହିତରେ କୃଷି ଫାର୍ମକୁ ଚାଷୀଙ୍କ ଉଦ୍ଦେଶ୍ୟରେ ଲଗାଇବା ପାଇଁ ଦାବି ହୋଇଛି।



## ଭଗବାନ ପର୍ଶୁରାମ ଜୟନ୍ତୀରେ ଅବସରରେ ବିଶାଳ ଶୋଭାଯାତ୍ରା

**ବଲାଙ୍ଗିର୍, (ଡିକେ ନ୍ୟୁଜ୍):** ବଲାଙ୍ଗୀର ଜିଲ୍ଲା ବ୍ରାହ୍ମଣ ମହାସଭା ଓ ପର୍ଶୁରାମ ଜୟନ୍ତୀ କମିଟି ପକ୍ଷରୁ ଭଗବାନ ପର୍ଶୁରାମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳେ ସ୍ଥାନୀୟ ନରସିଂହ ମନ୍ଦିରଠାରେ ଯଜ୍ଞ ଓ ପୂଜନ କାର୍ଯ୍ୟକ୍ରମ କରାଯାଇଥିଲା । ହିନ୍ଦୁଏକତା ଓ ଜଗତ କଲ୍ୟାଣ ପାଇଁ ଆୟୋଜିତ ଯଜ୍ଞରେ ବ୍ରାହ୍ମଣ ମହାସଭାର କୋଷାଧ୍ୟକ୍ଷ କିଶୋର ପୁରୋହିତ ଓ ତାଙ୍କ ଧର୍ମପତ୍ନୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଦିନ ୧୦ଟାରେ ନରସିଂହ ମନ୍ଦିରରୁ ଏକ ମୋଟର ସାଇକେଲ ରାଲୟ କରାଯାଇ ଆରଟିଓ ଛକରେ ଥିବା ପର୍ଶୁରାମ ପ୍ରତିମୂର୍ତ୍ତି ସ୍ଥଳକୁ ପହଞ୍ଚି ପୂଜାର୍ଚ୍ଚନା କରାଯାଇଥିଲା । ସେଠାରୁ ଜିଲ୍ଲାପାଳଙ୍କ ବାସଭବନ ନିକଟସ୍ଥ ବ୍ରାହ୍ମଣସମାଜର ପ୍ରସ୍ତାବିତ ମଣ୍ଡପସ୍ଥଳିକୁ ପହଞ୍ଚି ପୂଜାର୍ଚ୍ଚନା କରାଯାଇଥିଲା । ସଂଧ୍ୟାରେ ସହରରେ ଏକ ବିଶାଳ ଶୋଭାଯାତ୍ରା ମଧ୍ୟ କରାଯାଇଥିଲା । ଏଥିରେ ସହରର ଅନେକ ଜାତି ସଂଗଠନ ଯୋଗଦେଇଥିଲେ । ଆଜିର ଦିନରେ ହିନ୍ଦୁଏକତାର ଆବଶ୍ୟକତା ରହିଛି ବୋଲି ଆୟୋଜକ କମିଟି କହିଛି । ତେଣୁ ଶୋଭାଯାତ୍ରାରେ ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗଦଳ ଓ ବିଜେପିର କାର୍ଯ୍ୟକର୍ତ୍ତାମାନେ ପର୍ଶୁ ଚାଳନା କରିଥିଲେ । ସେହିପରି ଦୁର୍ଗାବାହିନୀର ମହିଳାମାନେ ତ୍ରିଶୁଳ ପ୍ରଦର୍ଶନ କରି ଭାରତୀୟ ମହିଳାଙ୍କ ପରାକାଷ୍ଠା ଦେଖାଇଥିଲେ । ଶୋଭାଯାତ୍ରା ସ୍ଥାନୀୟ ନରସିଂହ ମନ୍ଦିରଛକରୁ ବାହାରି ଦୁର୍ଗାମନ୍ଦିର, ମହାଦେବ ମନ୍ଦିର, ପାଟଣେଶ୍ୱରୀ ମନ୍ଦିର, ସମଲେଶ୍ୱରୀ ମନ୍ଦିର, ରାମ ମନ୍ଦିର, ହନୁମାନ ମନ୍ଦିରରେ ପୂଜାର୍ଚ୍ଚାନ ପରେ ରୁଗୁଡିପଡାଛକ, ଜିଲ୍ଲାପାଳ କାର୍ଯ୍ୟାଳୟ ଦେଇ ପୁଣି ନରସିଂହ ମନ୍ଦିରକୁ ପହଞ୍ଚିଥିଲା । ଏଠାରେ ହଜାର ହଜାର ଲୋକଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା । ବଜାଗଜା ସହିତ ନାମ ସଂକୀର୍ତ୍ତନରେ ସହର ଉଛୁଳି ପଡିଥିଲା । ଶୋଭାଯାତ୍ରାରେ ହଜାର ହଜାର ସଂଖ୍ୟାରେ ପୁରୁଷ, ମହିଳା ଯୋଗଦାନ କରିଥିଲେ । ଜିଲ୍ଲା ବ୍ରାହ୍ମଣ ମହାସଭାର ସଭାପତି ଗୋପବନ୍ଧୁ ପୁରୋହିତ, ସଂପାଦକ ଜୟରାମ ମିଶ୍ର, ନଗର ସଭାପତି ତଥା ପର୍ଶୁରାମ ବାହିନୀର ରାଜ୍ୟ କାର୍ଯ୍ୟକାରି ସଭାପତି ନରେନ୍ଦ୍ର ଆଚାର୍ଯ୍ୟ, ଆବାହକ ସୁଧିର ଚାନ୍ଦ, ଶିବଶଙ୍କର ଖ୍ୱାସ, ସୁଧିର ତ୍ରପାଠୀ, ବିଧୁଭୂଷଣ ତ୍ରପାଠୀ, କିଶୋର ପୁରୋହିତ, ଅଶୋକ ତ୍ରିପାଠୀ, ଲୋଟସେ ଷଢଙ୍ଗୀ, ସୋମନାଥ ମିଶ୍ର, ସର୍ଜନ ଆଚାର୍ଯ୍ୟ, ରାକେଶ ପଣ୍ଡା, କାହ୍ନା ଶତପଥି, ସୌମ୍ୟରଂଜନ ମିଶ୍ର, ସୁନିଲ ମିଶ୍ର, ଗୋପବନ୍ଧୁ ଶତପଥୀ,ବିଶ୍ୱମୟ ପୂଜାରୀ, ପ୍ରଭାକର ମିଶ୍ର, ପର୍ଶୁରାମ ନାଏକ, ରଂଜନ ତ୍ରିପାଠୀ, ସୁଭାଷ ଶତପଥି, ଅନୀତା ମିଶ୍ର, କସ୍ତୁରୀ ରଥ, ସାଗରିକା ଗୁରୁ, କୁସୁମ ଶତପଥୀ, ବୀଣାପାଣି ଆଚାର୍ଯ୍ୟ,ରଶ୍ମୀ ପାଣିଗ୍ରାହୀ, ରଶ୍ମୀରେଖା ଦାନୀ, ବିଜୟଲକ୍ଷ୍ମୀ ମିଶ୍ର, କୁମୁଦିନୀ ମିଶ୍ରଙ୍କ ନେତୃତ୍ୱରେ ହଜାର ସଂଖ୍ୟାରେ ମହିଳା ପୁରୁଷ ଲୋକ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ବିଜେପିର ବରିଷ୍ଠ ନେତା ଗୋପାଳଜୀ ପାଣିଗ୍ରାହୀ, ବିଜେଡି ଦଳର ମନ୍ମଥ ସିଂଦେଓ ପ୍ରମୁଖ ମଧ୍ୟ ସାମିଲ ହୋଇଥିଲେ । ଠିକ ସେହିପରି କରଣ ସମାଜରୁ ସନ୍ତକ ବହିଦାର, ସଂଗ୍ରାମ ବହିଦାର, ଅଘରିଆ ସମାଜର ସଭାପତି ଶୁଭ୍ରାଂଶୁ ପଟେଲ, ଯାଦବ ସମାଜର ସନ୍ଦୀପ ନାଗଙ୍କ ସମେତ ଅନେକ ଜାତି ସାମାଜର କର୍ମକର୍ତ୍ତା ଯୋଗଦେଇଥିଲେ । ଏହି ଅବସରରେ ପର୍ଶୁରାମ ମଣ୍ଡପଠାରେ ମହିଳା ଟିମ ଦ୍ୱାରା ଦହିପଣା ବଣ୍ଟନ କରାଯାଇଥିଲା ।

## ଶେରଗଡରେ ବାଲ୍ୟବିବାହ ମୁକ୍ତ ସଚେତନତା କର୍ମଶାଳା

**ଗଞ୍ଜାମ , (ଡିକେ ନ୍ୟୁଜ୍):** ଶେରଗଡ ଆଇ ସିଡିଏସ ପକ୍ଷରୁ ଶେରଗଡ ବ୍ଲକ ସମ୍ମିଳନୀ କକ୍ଷରେ ସିଡିପିଓ ମମତାଂଜଳୀ ପଣ୍ଡାଙ୍କ ଅଧ୍ୟକ୍ଷତା ରେ ବାଲ୍ୟବିବାହ ମୁକ୍ତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବ୍ଲକଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ନାୟକ, ଏବିଡିଓ ସୁଧାଂଶୁ ଶେଖର ତରାଇ,ଏବିଇଓ ସୈରିନ୍ଦ୍ରି ଦଳେଇ ପ୍ରମୁଖ ଅତିଥି ରୂପେ ଯୋଗଦେଇ ବାଲ୍ୟ ବିବାହକୁ ବନ୍ଦ କରିବାପାଇଁ ସାମୁହିକ ଉଦ୍ୟମ ହେବା ଆବଶ୍ୟକ ବୋଲିମତ ବ୍ୟକ୍ତ କରିଥିଲେ ।ଏହି କାର୍ଯ୍ୟକ୍ରମକୁ ଆଜିଠାରୁ ଅର୍ଥାତ ଅକ୍ଷୟ ତୃତୀୟାଠାରୁ ସପ୍ତାହ ବ୍ୟାପି ପ୍ରତ୍ୟେକ ଗ୍ରାମ ରେ ସଚେତନତା କରିବା ପାଇଁ କର୍ମଶାଳାରେ ନିଷ୍ପତି ନିଆଯାଇଛି । ଏହି କର୍ମଶାଳାରେ ସମସ୍ତ ପରିଦର୍ଶିକା, ଅଙ୍ଗନବାଡି କର୍ମୀ, ସହାୟିକା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ୟୁପି ସ୍କୁଲ ପ୍ରଧାନଶିକ୍ଷକଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା

ଧର୍ମଗଡ଼, (ଡିକେ ନ୍ୟୁଜ୍): ଜଣେ ମେଳାପୀ, ଛାତ୍ର ବତ୍ସଳ ଶିକ୍ଷକ ଭାବେ ନିଜ ସ୍କୁଲ ରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ଛାପ ପାଇଥିବା ପ୍ରଧାନ ଶିକ୍ଷକଙ୍କୁ ସ୍କୁଲ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଗୋଲାମୁଣ୍ଡା ବ୍ଲକ ଉଦେଶୃଙ୍ଗ ପଞ୍ଚାୟତ ଡଙ୍ଗରିଗୁଡା ୟୁପି ସ୍କୁଲ ପ୍ରଧାନ ଶିକ୍ଷକ ଭାବେ ଦିର୍ଘ ୨୯ ବର୍ଷ ଧରି ଅବସ୍ଥାପିତ ଥିବା ଅଶ୍ୱିନୀ କୁମାର ରାଉତଙ୍କୁ ସୋମବାର ସ୍କୁଲ ପକ୍ଷରୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏବିଇଓ ଲିନା ଦାସ, ସମ୍ମାନିତ ଅତିଥି ଭାବେ ସିଆରସି ଗଜିନ୍ଦ୍ର ନାଏକ ସ୍ଥାନୀୟ ସରପଞ୍ଚ ନାରାୟଣ ଅଘରିଆ, ସ୍କୁଲ ପରିଚାଳନା କମିଟିର ସଭାପତି ହୃଷିକେଶ ଅଘରିଆ, କେତନ ଭୋଇ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଥିବାବେଳେ ଶିକ୍ଷକ ମୁରଲୀଧର ଅଘରିଆ ମଞ୍ଚ ସଂଯୋଜନା କରିଥିଲେ। ଶିକ୍ଷକ ଶ୍ରୀ ରାଉତଙ୍କୁ ଉପସ୍ଥିତ ଅତିଥିମାନେ ଉପଢୌକନ ଓ ମାନପତ୍ର ଦେଇ ସୁସ୍ଥ ଓ ନିରାମୟ ଜୀବନ କାମନା ଜଣାଇଥିଲେ। ଆସନ୍ତା ୩୦ ତାରିଖରେ ଶିକ୍ଷକ ଶ୍ରୀ ରାଉତ ସରକାରୀ ଭାବେ ଚାକିରୀରୁ ଅସର ନେବେ ତା'ପୂର୍ବରୁ ଆଜି ତାଙ୍କୁ ବିଦ୍ୟାଳୟ ପକ୍ଷରୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ପ୍ରଧାନଶିକ୍ଷକ ଅଶ୍ୱିନୀ କୁମାର ରାଉତ ନିଜର ସ୍କୁଲର ସହକର୍ମୀ,ଏସଏମଡିସି ସଦସ୍ୟଙ୍କ ନିକଟରେ କୃତଜ୍ଞତା ଜଣାଇଥିଲେ।

## ରଥ ନିର୍ମାଣ ପାଇଁ କାଠ ଅନୁକୂଳ ଓ ଚନ୍ଦନଯାତ୍ରା

**ପୁରୀ, (ଡିକେ ନ୍ୟୁଜ୍):** ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ବା ଅକ୍ଷୟ ତୃତୀୟା ଅବସରରେ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ରଥକାଠ ଶ୍ରୀନଅର ସମ୍ମୁଖ ଅନୁକୂଳ ହୋଇଛି । ତିନୋଟି ୧୨ ଫୁଟିଆ ଧଉରା କାଠକୁ ପୂଜାର୍ଚ୍ଚନାର ପରେ ସ୍ୱର୍ଣ୍ଣ କୁରାଢୀରେ ସ୍ପର୍ଶ ଦିଆଯାଇଥିଲା । ରାଜ ପୁରୋହିତ ଓ ଶ୍ରୋତ୍ରିୟ ବ୍ରାହ୍ମଣଙ୍କ ଦ୍ୱାରା ମା ସରସ୍ୱତୀଙ୍କ ପୂଜାର୍ଚ୍ଚନା କରାଯାଇ ତିନୋଟି ରଥକାଠକୁ ବନ୍ଦାପନା ପୂଜାର୍ଚ୍ଚନା କରାଯାଇଥିଲା । ଶ୍ରୀଜୀଉଙ୍କ ଠାରୁ ଆଜ୍ଞାମାଳ ଆସିବା ପରେ ବିଶ୍ୱକର୍ମା ମହାରଣା ମାନେ ରଥ ନିର୍ମାଣ ପାଇଁ ରଥକାଠ ଅନୁକୂଳ କରିଥିଲେ। ଦୁଇଜଣ ଦେଉଳ ପୁରୋହିତ, ୧୧ଜଣ ଶ୍ରୋତ୍ରୀୟ ବ୍ରାହ୍ମଣଙ୍କ ଦ୍ୱାରା ବନଯାଗ ନୀତିରେ ଚାଳିଘରେ ହୋମ କରାଯାଇଥିଲା । ପୂଜାପଣ୍ଡା ଆଜ୍ଞାମାଳ ପ୍ରଦାନ ପରେ ସ୍ୱର୍ଣ୍ଣ କୁରାଢୀରେ ରଥକାଠ ଅନୁକୂଳ ହୋଇଥିଲା । ଅକ୍ଷୟ ତୃତୀୟା ପର୍ବରେ ମହାପ୍ରଭୁଙ୍କ ୨୧ ଦିନିଆ ବାହାର ଚନ୍ଦନଯାତ୍ରା ଶୁଭାରମ୍ଭ ହୋଇଛି । ୨୧ ଦିନ ଧରି ନରେନ୍ଦ୍ର ପୁଷ୍କରିଣୀରେ ଦିନ ଚାପ ଓ ରାତି ଚାପ ଅନୁଷ୍ଠିତ ହେବ । ଶ୍ରୀମନ୍ଦିରରେ ଭୋଗମଣ୍ଡପ ସରିବା ପରେ ଓ ଆଜ୍ଞାମାଳ ପାଇବା ପରେ ମଣିବିମାନ ଓ ପାଲିଙ୍କିରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ ଓ ରାମକୃଷ୍ଣ ,ଭୂଦେବୀ ଶ୍ରୀଦେବୀ ବିଜେ କରିଥିଲେ । ସିଂହଦ୍ୱାର ଠାରେ ସୁସଜ୍ଜିତ ମହାପ୍ରଭୁ ମଣିବିମାନ ଓ ପାଲିଙ୍କିରେ ବିଜେ କରିଥିବା ବେଳେ ପଛରେ ପଂଚ ମହାଦେବ ଯଥା ଶ୍ରୀଲୋକନାଥ, ଶ୍ରୀଜମ୍ବେଶ୍ୱର, ଶ୍ରୀମାର୍କଣ୍ଡେଶ୍ୱର ,ଶ୍ରୀକପାଳମୋଚନ ଓ ଶ୍ରୀନୀଳକଣ୍ଠେଶ୍ୱର ଏପରି ୧୦ଟି ଚଳନ୍ତି ପ୍ରତିମା ଘଂଟ ଘଂଟୁଆଙ୍କ ସହ ପାରମ୍ପରିକ କାହାଳୀ ବାଦ୍ୟର ତାଳେ ତାଳେ ଏକ ବିରାଟ ଶୋଭାଯାତ୍ରାରେ ନରେନ୍ଦ୍ର ପୁଷ୍କରିଣୀ ଚକଡାକୁ ବିଜେ କରିଥିଲେ । ଚକଡାରେ ରୂପା ପିଙ୍ଗଣରେ ଥିବା ସୁବାସିତ ଜଳରେ ପାଦଧୌତ କରାଯାଇଥିଲା । ଦୁଇଟି ସୁସଜ୍ଜିତ ନନ୍ଦା ଓ ଭଦ୍ରା ଚାପ ନୌକାରେ ଚାପ ଖେଳିଥିଲେ । ପୁଷ୍କରିଣୀ ମଝିରେ ଥିବା ଚାପ ମନ୍ଦିରରେ ତିନୋଟି କୁଣ୍ଡରେ ଚନ୍ଦନ, କର୍ପୂର, କସ୍ତୁରୀ, ଜାଇଫଳ, ମଲ୍ଲୀ, ଚମ୍ପା, ଜୁଇ, ସୁଗନ୍ଧରାଜ ଓ ଗୋଲାପ ବ୍ୟବହାର କରାଯାଇ ସୁବାସିତ ଜଳ ପ୍ରସ୍ତୁତ ହୋଇଥିଲା । ସେଇ କୁଣ୍ଡରେ ଚଳନ୍ତି ପ୍ରତିମା ମାନେ ବୁଡ ପକାନ୍ତି । ନନ୍ଦା ଓ ଭଦ୍ରା ଚାପ ନୌକା ସମେତ ବୈଜୟନ୍ତୀ ଡଙ୍ଗା ବାଜା କାହାଳୀ ସହ ଜଳ କ୍ରୀଡା କରିଛନ୍ତି । ନରେନ୍ଦ୍ର ପୁଷ୍କରିଣୀ ରଙ୍ଗୀନ ଆଲୋକରେ ଝଲମଲ ହୋଇ ଆଲୋକିତ କରୁଥିବା ବେଳେ ସୁସଜ୍ଜିତ ସୁଗନ୍ଧିତ ପୁଷ୍ପରେ ମହକୁଛି ଚନ୍ଦନ ଚକଡା । ଶ୍ରୀମନ୍ଦିର ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ଓ ଭକ୍ତଙ୍କ ସମାଗମ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଶ୍ରଦ୍ଧା ଭକ୍ତିର ସହ ଆଧାତ୍ମିକ ପରିବେଶ ମଧ୍ୟରେ ଲକ୍ଷାଧିକ ଭକ୍ତ ହରିବୋଲ, ହୁଳହୁଳି ସହ ଜୟ ଜଗନ୍ନାଥ ଧ୍ୱନି ଦେଇ ମହାପ୍ରଭୁଙ୍କ ଏହି ଅପୂର୍ବ ଲୀଳା ଦର୍ଶନ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଇନ୍‌ୱେକ୍ ଓମେନ୍ ବିଜନେସ୍...

ଇନ୍‌ୱେକ୍ ଓମେନ୍ ବିଜନେସ୍ ମେଳା ଭଳି କାର୍ଯ୍ୟକ୍ରମ ଖୁବ୍ ସହାୟକ ହେବ। ୨୦୩୬ରେ ସମୃଦ୍ଧ ଓଡ଼ିଶା ଗଠନ କରିବାରେ ମହିଳା ମାନେ ହେବେ ଶ୍ରେଷ୍ଠ ଭାଗୀଦାର ଏବଂ ଆମ ସରକାର ଏଥି ପାଇଁ ପୁରା ସମର୍ଥନ ଯୋଗାଇ ଦେବେ। କାର୍ଯ୍ୟକ୍ରମରେ ଯୋଗଦେଇ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକଶିକ୍ଷା ମନ୍ତ୍ରୀ, ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେଯେ ଏହି ସମାବେଶ, ଓଡିଆ ମହିଳା ଉଦ୍ୟୋଗୀଙ୍କୁ ଆହୁରି ଉତ୍ସାହିତ କରିବା ସହ ଆର୍ଥିକ ସ୍ୱାଧୀନତା ପାଇଁ ଭବିଷ୍ୟତର ରାସ୍ତା ଖୋଲିବ। ଓଡ଼ିଶା ବିକାଶରେ ମହିଳା ଉଦ୍ୟୋଗୀ ମାନେ ହିଁ ଏକ ସମୃଦ୍ଧ ପରିବର୍ତ୍ତନର ସ୍ୱର । ଏହି ଅବସରରେ ଶିଳ୍ପ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା କହିଥିଲେ ଯେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟକୁ ସଫଳତାର ରୂପାୟନ ଦେଇ ମହିଳା ମାନେ ଆଜି ପାରମ୍ପରିକ ଉଦ୍ୟୋଗ ସହିତ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଦ୍ୱାରା ସଶକ୍ତ ହେଉଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଆଇସିସି ଚେୟାରପର୍ସନରାଜୀବ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ, ଇନ୍-ୱେକ୍ ର କୋ-କନଭେନର, ଶ୍ରୀମତୀ ସ୍ୱାତୀ କେଜରିୱାଲ, ଆଇସିସି ଭାଇସ ଚେୟାରପର୍ସନ, ପ୍ରୀତି ପଲ୍ଲବୀ ପଟନାୟକ, କନଭେନର, ଧର୍ମାଦିତ୍ୟ ପଟନାୟକ ପ୍ରମୁଖ ମଂଚାସୀନ ଥିଲେ ।

### କୋଲକାତାରେ...

ବିଭାଗକୁ ସୂଚିତ କରାଯାଇଛି । ଦମକଳ ବିଭାଗର ପ୍ରାୟ ୧୦ଟି ଗାଡି ପହଂଚିଥିଲା । ଏହା ବହୁତ ପୁରୁଣା ହୋଟେଲ ଅଟେ । ହୋଟେଲର ପ୍ରଥମ ମହଲାରେ ଏକ ଗୋଦାମ ଓ ଦ୍ୱିତୀୟ ମହାଲାରେ ଏକ ରେଷ୍ଟୁରାଁ ଅଛି । ତୃତୀୟରୁ ଷଷ୍ଠ ମହଲାରେ ଘର ଓ କର୍ମଚାରୀଙ୍କ କ୍ୱାର୍ଟର ରହିଛି । ହୋଟେଲରେ ରହୁଥିବା କିଛି ଲୋକ ଛାତକୁ ପଳାଇଥିଲେ କିନ୍ତୁ କିଛି ଲୋକ ଫସିରହିଛନ୍ତି । ପ୍ରାୟ ସାଢେ ୧୧ଟା ବେଳେ ନିଆଁ ଲିଭାଯାଇଥିଲା ।

### ଚାଷ କାର୍ଯ୍ୟ ଆରମ୍ଭ...

ବର୍ଷରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ବିନିଯୋଗରେ ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ଯୋଗାଇ ଦେବା ପାଇଁ ଆମେ ଲକ୍ଷ୍ୟ ରଖିଛୁ। ଆମେ ପ୍ରତି ସବ୍ ?ଡିଭିଜନ୍ ?ରେ ଶୀତଳ ଭଣ୍ଡାର ସ୍ଥାପନ କରିବା ପାଇଁ ପଦକ୍ଷେପ ନେଉଛୁ। ଚାଷୀଙ୍କ ରୋଜଗାର ବୃଦ୍ଧି ପାଇଁ କୃଷି କାର୍ଯ୍ୟ ସହିତ ମାଛ ଚାଷ, ପ୍ରାଣୀ ପାଳନ, କୁକୁଡା ଓ ବତକ ଚାଷ ପାଇଁ ରିହାତି ସହିତ ଆବଶ୍ୟକ ସହାୟତା ଯୋଗାଇ ଦେଉଛୁ। ଚାଷ କାର୍ଯ୍ୟ ଆରମ୍ଭ ଠାରୁ ଫସଲ ବିକ୍ରୀ ପର୍ଯ୍ୟନ୍ତ ପ୍ରତ୍ୟେକ ସମୟରେ ଆମେ ଚାଷୀଙ୍କ ସହିତ ଅଛୁ, ସୁବିଧା ଅସୁବିଧା ସମୟରେ ଆମେ ଚାଷୀଙ୍କ ପାଖରେ ପହଞ୍ଚିବୁ ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓୟୁଏଟିର ବରମୁଣ୍ଡା କୃଷି ଶୈକ୍ଷିକ ଫାର୍ମ ଠାରେ ଓଡିଆ ପରମ୍ପରା ଅନୁଯାୟୀ ପାରମ୍ପରିକ ହଳ ଲଙ୍ଗଳରେ ଅକ୍ଷିମୁଠି ଅନୁକୂଳ କରିଥିଲେ। ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଦ୍ୱାରା ୧୯୨୧ ମସିହାରେ ରଚିତ 'କୃଷକ ସଂଗୀତ ପୁସ୍ତକ' ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ। ଏହି ଅବସରରେ ସ୍ୱଭାବ କବିଙ୍କ ବଂଶଧର ଉପସ୍ଥିତ ଥିଲେ। ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତି କରଣ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଥିଲେ ପବିତ୍ର ଅକ୍ଷୟ ତୃତୀୟରେ ଚାଷୀ ତା'ର ଚାଷ କାର୍ଯ୍ୟ ଆଗକୁ ନେଇଥାଏ। ଆମେ ଯାହା ଖାଉଛେ ତାକୁ ଜଣେ ଚାଷୀ ଉତ୍ପାଦନ କରିଥାଏ, ସେହି ଚାଷୀ ମାନଙ୍କ ସହିତ ଆମ ସରକାର ସବୁବେଳେ ଛିଡାହେବ। କୃଷି ଓ କୃଷକଙ୍କୁ ମାର୍କେଟ୍ ଯୋଗାଇଦେବା ସହିତ ତାଙ୍କ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟଦେବା ପାଇଁ ଆମ ସରକାର ସର୍ବଦା କାମ କରୁଛି। ଚାଷୀର ଉନ୍ନତି ହେଲେ ରାଜ୍ୟର ଉନ୍ନତି ହେବ ଏବଂ ରାଜ୍ୟର ଉନ୍ନତି ହେଲେ ଦେଶର ଉନ୍ନତି ହେବ। ରାଜ୍ୟର ଚାଷୀ ଭାଇ ଭଉଣୀ ମାନଙ୍କୁ କୃଷି କାର୍ଯ୍ୟ ନିମନ୍ତେ ଆଗୁଆ ସହାୟତା ପ୍ରଦାନ କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ଶ୍ରୀ ବାବୁ ସିଂହ, ଓୟୁଏଟିର କୂଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। କୃଷି ଓ କୃଷକ ସଶକ୍ତି କରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢୀ କାର୍ଯ୍ୟକ୍ରମକୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ କୃଷି ନିର୍ଦ୍ଦେଶକ ଶ୍ରୀ ଶୁଭମ ସକ୍ସେନା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟୁତ ସଂସ୍ପର୍ଶରେ ଆସି ଯୁବକର ମୃତ୍ୟୁ

**ମୁଖୀଗୁଡା, (ଡିକେ ନ୍ୟୁଜ୍):** ଜୟପାଟଣା ଥାନା ଅନ୍ତର୍ଗତ ମୁଖୀଗୁଡାରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଯୁବକର ଜୀବନ ଚାଲି ଯାଇଛି। ମୁଖୀଗୁଡା ସାଇମନ୍ଦିର ନିକଟରେ ରହୁ ଥିବା ରାକେଶ ତମାଙ୍ଗ(୩୨) ଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ରାକେଶ ଆଜି ସକାଳେ ନିଜ ଘର ର ଛାତ ସଜାଡୁଥିବାବେଳେ ଯାଇଥିବା ୧୧ କେଭି ତାର ସଂସ୍ପର୍ଶରେ ଆସି ଅଚେତ ହୋଇଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ ରେ ଭର୍ତ୍ତି କରିଥିଲେ। ଡାକ୍ତର ରାକେଶଙ୍କୁ ମୃତ ଘୋଷଣା କରିଛନ୍ତି।

## ଜିଲ୍ଲାସ୍ତରୀୟ ରବି ଧାନ କ୍ରୟ କମିଟି ବୈଠକ, ମଇ ମାସ ୨୩ ତାରିଖରୁ ରବି ଧାନ କ୍ରୟ

**ବଲାଙ୍ଗୀର, (ଡିକେ ନ୍ୟୁଜ୍):** ବଲାଙ୍ଗୀର ଜିଲ୍ଲାରେ ରବି ଧାନ କ୍ରୟ ନିମନ୍ତେ ଜିଲ୍ଲାସ୍ତରୀୟ ଧାନ କ୍ରୟ କମିଟି ବୈଠକ ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ଗୌରଭ୍ ଶିୱାଜୀ ଇସଲୱାର ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବଲାଙ୍ଗିର ଲୋକସଭା ସାଂସଦ ଶ୍ରୀମତୀ ସଙ୍ଗୀତା କୁମାରୀ ସିଂ ଦେଓ, ଉପ ମୁଖ୍ୟମନ୍ତ୍ରୀ ଏବଂ ମାନ୍ୟବର କ୍ୟାବିନେଟ ମନ୍ତ୍ରୀ, ସ୍ୱାସ୍ଥ୍ୟଓ ପରିବାର କଲ୍ୟାଣ ଙ୍କ ପ୍ରତିନିଧି ଜିଲ୍ଲା ପରଷଦ ଅଧକ୍ଷା ଦେବକୀ ସାହୁ, ବଲାଙ୍ଗୀର ବିଧାୟକଙ୍କ ପ୍ରତିନିଧି, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଭାତ ମହାପାତ୍ର, ବଲାଙ୍ଗୀର ଜିଲ୍ଲା କୃଷକ ମହାସଂଘର ସଭାପତି ଜତି ପ୍ରଧାନ, ଟିଟିଲାଗଡ ଉପ ଜିଲ୍ଲାପାଳ ରେହାନ କ୍ଷେତ୍ରୀ, ବଲାଙ୍ଗୀର ଉପ ଜିଲ୍ଲାପାଳ ଆଲୋକ କୁମାର ପଟେଲ, ମୁଖ୍ୟ ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡାଙ୍କ ସମେତ ଯୋଗାଣ ବିଭାଗ, ସମବାୟ ବିଭାଗ, କୃଷି ବିଭାଗ, ଜଳସେଚନ ବିଭାଗ, ନିୟନ୍ତ୍ରିତ ବଜାର କମିଟିର ଅଧିକାରୀ ମାନେ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭ ରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରିବା ସହ ବଲାଙ୍ଗିର ଜିଲ୍ଲାରେ ରବି ଧାନ କ୍ରୟ ପ୍ରକ୍ରିୟା ଓ ଏ ସମ୍ପର୍କରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବୈଠକର ନିଷ୍ପତି ପ୍ରକାରେ ଚଳିତ ବର୍ଷ ଜିଲ୍ଲାରେ ମଇ ମାସ ୨୩ ତାରିଖ ଠାରୁ ରବି ଧାନ କ୍ରୟ ଆରମ୍ଭ ହେବ। ଏଥିନିମନ୍ତେ ୧୧୨ ଗୋଟି ପ୍ରାଥମିକ କୃଷି ସମବାୟ ସମିତି (ପେକ୍ସ) ଓ ୧୦ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସମୁଦାୟ ୧୨୨ ଗୋଟି ଧାନ କ୍ରୟ କେନ୍ଦ୍ର ଜରିଆରେ ପଞ୍ଜୀକୃତ ଚାଷୀ ମାନଙ୍କ ଠାରୁ ରବି ଧାନ କ୍ରୟ କରାଯିବ ଚଳିତ ବର୍ଷ ରବି ଧାନ ବିକ୍ରୟ କରିବା ପାଇଁ ଜିଲ୍ଲାର ୧୧୬୫୩ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ସମୁଦାୟ ୨,୦୫,୭୮୦ କୁଇଂଟାଲ ଧାନ କ୍ରୟର ଟାର୍ଗେଟ ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାକୁ ମିଳିଛି। ଗ୍ରୀଷ୍ମ ପ୍ରବାହ ତଥା ଅଦିନିଆ ବର୍ଷାକୁ ଦୃଷ୍ଟି ରେ ରଖି ସମସ୍ତ ଧାନ କ୍ରୟ କେନ୍ଦ୍ର ଗୁଡିକରେ ଆନୁସାଙ୍ଗିକ ବ୍ୟବସ୍ଥା କରିବା ସହ ପାନୀୟ ଜଳ, ବିଜୁଳି ,ଟାରପୋଲିନ ଓ ଚାଷୀ ମାନଙ୍କ ନିମନ୍ତେ ଆଶ୍ରୟ ସ୍ଥଳୀ ପ୍ରତି ବିଶେଷ ଗୁରୁତ୍ୱ ଦେବା ସହ ଚାଷୀମାନେ ଯେପରି ରବି ଧାନ ବିକ୍ରୟକୁ ସହଜ, ସୁବିଧା ଓ ସ୍ୱଚ୍ଛତା ରେ କରିପାରିବେ ସେଥିପ୍ରତି ବିଶେଷ ଯତ୍ନବାନ ହେବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରବିଧାନ କ୍ରୟ ପ୍ରକ୍ରିୟା ର ସମସ୍ତ ସୂଚନା ଯେପରି ଚାଷୀମାନେ ପାଇପାରିବେ ସେ ସମ୍ପର୍କରେ ବ୍ୟାପକ ପ୍ରଚାର ପ୍ରସାର କରିବାକୁ ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବାସହ ଧାନ କ୍ରୟ କେନ୍ଦ୍ର ଗୁଡିକରେ ସିସିଟିଭିର ସଂଯୋଗ ସହ ଏହାର ଉପଯୁକ୍ତ କାର୍ଯ୍ୟକାରିତା କୁ ସୁନିଶ୍ଚିତ କରିବା, କୋଭିଡ ଉଚିତ ବ୍ୟବହାରର ଅନୁପାଳନ କରିବା, ଧାନ କ୍ରୟ କେନ୍ଦ୍ର ଗୁଡିକରେ ଧାନ ପହଂଚିବା ରେଜିଷ୍ଟର ଉପଲବ୍ଧ କରିବା, ଏବଂ ଫ୍ଲାଇଙ୍ଗ ସ୍କ୍ୱାଡ଼ ଗଠନ କରି ନିୟମିତ ତଦାରଖ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଲୋକ ପ୍ରତିନିଧିମାନେ କରୁଥିବା ଅଭିଯୋଗ ତଦନ୍ତ କରି ସେମାନଙ୍କୁ କଣ କଣ ପଦକ୍ଷେପ ନିଆଗଲା ଜଣେଇବାକୁ ଆଦେଶ ଦେଇଥିଲେ। ବୈଠକ ଶେଷରେ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଭାତ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବୈଭବ ସୂର୍ଯ୍ୟବଂଶୀ ଗୋଟିଏ ଇନିଂସରେ କରିଲେ ଅନେକ ରେକର୍ଡ



**ଚେନ୍ନାଇ, ୨୦/୪ (ହି.ସ):** ବୈଭବ ସୂର୍ଯ୍ୟବଂଶୀ, ଏହି ନାଁ ଏବେ ଆଇପିଏଲରେ ବେଶ୍ ଚର୍ଚ୍ଚା। କାରଣ ଏହି ୧୪ ବର୍ଷୀୟ ଯୁବ କ୍ରିକେଟର ଯେଉଁ ରେକର୍ଡ କରିଛନ୍ତି ତାହା ବଡ଼ବଡ଼ ଖେଳାଳି ବି କରିପାରିବେନି। ଆଇପିଏଲରେ ସବୁଠାରୁ କମ୍ ବୟସ୍କ ଖେଳାଳି ଭାବେ ଡେବ୍ୟୁ କରିବା ପରେ ଏବେ ବ୍ୟାଟିଂରେ ବି କମାଲ ଦେଖାଇଛନ୍ତି । ଡେବ୍ୟୁ ବୋଲରଙ୍କୁ ମାରି କ୍ୟାରିୟର ଖରାପ କରିଦେଇଥିବା ବେଳେ ବରିଷ୍ଠ ବୋଲରଙ୍କୁ ବି ଛାଡ଼ି ନଥିଲେ। ଛକା ଚୌକା ବର୍ଷା କରି ଗୋଟିଏ ମ୍ୟାଚରେ ଅନେକ ରେକର୍ଡ କରିଥିବା ବେଳେ ବହୁତ ପୁରୁଣା ରେକର୍ଡ ବି ଭାଙ୍ଗି ଦେଇଛନ୍ତି ବୈଭବ। ଏତେ କମ୍ ବୟସରେ ଏତେ ବଡ଼ କାରନାମା ଦେଖି ଏବେ ଏହି ୧୪ ବର୍ଷୀୟ କ୍ରିକେଟରଙ୍କୁ ପ୍ରଶଂସାର ସୁଅ ଛୁଟୁଛି। ବୈଭବ ଚଳିତ ଆଇପିଏଲରେ ରାଜସ୍ଥାନ ପକ୍ଷରୁ ଲକ୍ଷ୍ନୌ ବିରୋଧରେ ଡେବ୍ୟୁ କରିଥିଲେ। ଆଉ ନିଜ ଡେବ୍ୟୁ ମ୍ୟାଚରେ ହିଁ ସେ ପ୍ରଥମ ବଲରେ ଛକା ମାରିଥିଲେ। ଏହି ମ୍ୟାଚ୍ରେ ସେ ୨୦ ବଲରୁ ୩୪ ରନ୍ କରି ଆଉଟ୍ ହୋଇଯାଇଥିଲେ। ସେ ଆଶା କରିଥିଲେ ଏକ ବଡ଼ ଇନିଂସ ଖେଳିବେ ବୋଲି ହେଲେ ଏପରି ହୋଇ ପାରିନଥିଲା। ତେଣୁ ପାଭିଲିୟନ ଫେରିବା ବେଳେ ବୈଭବ କାନ୍ଦିକାନ୍ଦି ଫେରୁଥିବା ଦେଖିବାକୁ ମିଳିଥିଲା । ମ୍ୟାଚ୍ ପରେ ଏବେ ଗୁଜରାଟ ବିପକ୍ଷରେ ତାଙ୍କ ସ୍ୱପ୍ନ ପୂରା ହୋଇଛି। ଏହି ମ୍ୟାଚ୍ରେ ଗୁଜରାଟ ପ୍ରଥମେ ବ୍ୟାଟିଂ କରି ୨୦୯ର ବିଶାଳ ସ୍କୋର୍ ଛିଡ଼ା କରିଥିଲା। ଆଉ ୨୧୦ର ବିଜୟ ଲକ୍ଷ୍ୟ ପୂରା କରିବା ରାଜସ୍ଥାନ ପକ୍ଷେ ଏତେ ସହଜ ନଥିଲା। କିନ୍ତୁ ଏହି ବଡ଼ ଟାର୍ଗେଟକୁ ସହଜ କରିଦେଇଥିଲେ ଗୋଟେ ଛୋଟ ଖେଳାଳି। ବୟସ ୧୪ କିନ୍ତୁ ବ୍ୟାଟିଂ କୌଣସି ଅଭିଜ୍ଞ ଖେଳାଳିଙ୍କଠାରୁ କମ ନୁହେଁ। ଇଶାନ୍ତ ଶର୍ମା, ୱାସିଂଟନ ସୁନ୍ଦର, ପ୍ରସିଦ୍ଧ କ୍ରିଷ୍ଣା ଓ କରିମ ଜନ୍ନତ ସବୁ ବୋଲରଙ୍କ ଚିନ୍ତା ବାଢ଼ ଦେଇଥିଲେ। ସେ ଇଶାନ୍ତଙ୍କୁ ଗୋଟିଏ ଓଭରରେ ୨୬ ରନ୍ ମାରିଥିବା ବେଳେ କରିମ ଜନ୍ନତଙ୍କ ଡେବ୍ୟୁ ମ୍ୟାଚ୍ର ଗୋଟିଏ ଓଭରରେ ୩୦ ରନ ମାରି ତାଙ୍କ କ୍ୟାରିୟରର ଖରାପ କରିଦେଇଛନ୍ତି। ବୈଭବ ଚଳିତ ସିଜିନରେ ସବୁଠାରୁ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିଛନ୍ତି। ସେ ୧୭ ବଲରୁ ୫୦ ରନ୍ ପୂରା କରିଥିଲେ। ଏହାପରେ ବି ତାଙ୍କ ବ୍ୟାଟ୍ ଅଟକିନଥିଲା। ଛକା ଚୌକା ବର୍ଷା କରିଚାଲିଥିଲେ। ଆଉ ଏହାପରେ ସେ ଦ୍ୱିତୀୟ ଦ୍ରୁତତମ ଶତକ ବି ହାସଲ କରିଥିଲେ। ୩୫ ବଲ୍ରୁ ସେ ଶତକ ହାସଲ କରି ଏହି ରେକର୍ଡ କରିଥିଲେ। କେବଳ ଏତିକିରେ ଅଟକି ନଥିଲେ ବୈଭବଙ୍କ ମାଇଲେଷ୍ଟୋନ୍। ସେ ଆଇପିଏଲରେ ସବୁଠାରୁ କମ ବୟସର ଖେଳାଳି ଭାବେ ଶତକ ହାସଲ କରିଛନ୍ତି।ଏହାପୂର୍ବରୁ ଏହି ରେକର୍ଡ ବିଜୟ ଝୋଲଙ୍କ ନାଁରେ ରହିଥିଲା। ପିଲାଟି ବେଳୁ ଖେଳରେ ରୁଚି ରଖୁଥିବାରୁ ବାପା ମା' ବେଶ ପରିଶ୍ରମ କରି ବୈଭବଙ୍କ କ୍ୟାରିୟର ଗଢ଼ିଥିଲେ। ଏମିତି କି ପୁଅକୁ କ୍ରିକେଟର କରିବା ପାଇଁ ବୈଭବଙ୍କ ବାପା ତାଙ୍କ ଜମି ବି ବିକ୍ରି କରିଦେଇଥିଲେ। ଯାହାର ମୂଲ୍ୟ ଆଜି ରଖିଛନ୍ତି ଏହି ଯୁବ କ୍ରିକେଟର। ତେବେ ବୈଭବଙ୍କ ଏହି ପ୍ରଦର୍ଶନରେ କୋଚ୍ ରାହୁଲ ଦ୍ରାବିଡ ବି ବେଶ ଉତ୍ସାହିତ ଥିଲେ। ବୈଭବ ଯେତେବେଳେ ରସିଦ ଖାନଙ୍କୁ ଛକା ମାରି ନିଜ ଶତକ ପୂରା କରିଥିଲେ ସେତେବେଳେ ଜଣାପଡ଼ିଥିଲା ଭାରତର ଭବିଷ୍ୟତ ଏବେ ସୁରକ୍ଷିତଙ୍କ ହାତରେ ରହିଛି।






# ଚେନ୍ନାଇକୁ ବ୍ୟାକଫୁଟରେ ପକାଇଲା ଚହଲଙ୍କ ହ୍ୟାଟ୍ରିକ୍, ଗୋଟିଏ ଓଭରରେ ନେଲେ ୪ ୱିକେଟ୍



**ଚେନ୍ନାଇ,୩୦/୪(ହି.ସ):** ଆଇପିଏଲ୍ ୨୦୨୫ରେ ପଞ୍ଜାବ କିଙ୍ଗ୍ସର ସ୍ପିନ୍ ମାଷ୍ଟର ଯୁଜବେନ୍ଦ୍ର ଚହଲ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସକେ) ବିପକ୍ଷରେ ଭୟଙ୍କର ପ୍ରଦର୍ଶନ କରି ମ୍ୟାଚକୁ ଓଲଟପାଲଟ କରି ଦେଇଛନ୍ତି। ଏମ୍. ଚିଦମ୍ବରମ ଷ୍ଟାଡିୟମରେ ଚହଲ ଗୋଟିଏ ଓଭରରେ ହ୍ୟାଟ୍ରିକ୍ ସହିତ ମୋଟ ୪ଟି ୱିକେଟ୍ ଝଡ଼ାଇ ଚେନ୍ନାଇର ବ୍ୟାଟିଂ ମେରୁଦଣ୍ଡକୁ ଭାଙ୍ଗି ପକାଇଛନ୍ତି। ଚେନ୍ନାଇର ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମରେ ଖେଳ ଯାଇଥିବା ଏହି ମ୍ୟାଚରେ ସାମ କରନଙ୍କ ୪୭ ବଲରେ ୮୮ ରନର ଚମତ୍କାର ଇନିଂସ, ଚହଲଙ୍କ ଗୋଟିଏ ଓଭରରେ ୪ ୱିକେଟ୍ ନେବା ଚେନ୍ନାଇକୁ ୧୯.୨ ଓଭରରେ ୧୯୦ ରନ୍ରେ ଅଲଆଉଟ୍ କରିଦେଇଛି। କରନଙ୍କ ଇନିଂସରେ ୯ଟି ଚୌକା ଓ ୪ଟି ଛକା ସାମିଲ ଥିଲା। ଏକ ପର୍ଯ୍ୟାୟରେ ଚେନ୍ନାଇ ୨୦୦ ରନ୍ ପାର କରିବା ନିଶ୍ଚିତ ମନେ ହେଉଥିଲା। କିନ୍ତୁ, ଚହଲଙ୍କ ୧୯ତମ ଓଭର ମ୍ୟାଚର ଚିତ୍ର ବଦଳାଇ ଦେଲା। ଏହି ଓଭରରେ ସେ ସମସ୍ତ ୱିକେଟ୍ ନେଇଥିଲେ। ଲେଗ୍-ସ୍ପିନର ଚହଲ ନିଜର ୪ ଓଭରରେ ୩୨ ରନ୍ ଦେଇ ୪ଟି ୱିକେଟ୍ ହାସଲ କରିଥିଲେ। ଏହା ପୂର୍ବରୁ ସାମ କରନ ଓ ଡେୱାଲ୍ଡ ବ୍ରେଭିସ ଚତୁର୍ଥ ୱିକେଟ୍ ପାଇଁ ୭୮ ରନ୍ର ଦୃଢ଼ ଭାଗୀଦାରୀ କରି ଚେନ୍ନାଇକୁ ୫.୫ ଓଭରରେ ୪୮/୩ରୁ ପୁନରୁଦ୍ଧାର କରାଇଥିଲେ। ଦଳ ୧୯ତମ ଓଭର ପର୍ଯ୍ୟନ୍ତ ମଜଭୁତ ଗତିରେ ଆଗେଇ ଚାଲିଥିଲା, କିନ୍ତୁ ଚହଲଙ୍କ ଏହି ଓଭର ସିଏସକେକୁ ସମ୍ପୂର୍ଣ୍ଣ ଧରାଶାୟୀ କରିଦେଇଥିଲା।





## ଶ୍ରମିକ ଦିବସର ଶୁଭେଚ୍ଛା

ଆଜି ତ ଶ୍ରମିକ ଦିବସ ବିଶ୍ୱ ପାଳନ କରେ...
ଆଜି ବି ଶ୍ରମିକ ବିଶ୍ୱେ ଅନାହାରରେ ମରେ..



ରତ୍ନାକର ଜେନା,
ସମ୍ପାଦକ

ପୂର୍ବ ଉପକୂଳ ଶ୍ରମିକ ସଂଘ, ପାରାଦ୍ୱୀପ

## ଶ୍ରମିକ ଦିବସର ଶୁଭେଚ୍ଛା

ଅନ୍ତର୍ଜାତୀୟ ଶ୍ରମିକ ଦିବସ: ଆଜି ବି ହକ୍ ପାଇଁ
ଲଢୁଛି ଶ୍ରମିକ, ଅନିଶ୍ଚିତାରେ ରୋଜଗାର



ପ୍ରକାଶ ତ୍ରୀପାଠୀ,
ସଭାପତି

ପୂର୍ବ ଉପକୂଳ ଶ୍ରମିକ ସଂଘ, ପାରାଦ୍ୱୀପ

## ଶ୍ରମିକ ଦିବସ ଅବସରରେ ଓଡ଼ିଶାର ସମସ୍ତ ଶ୍ରମିକ ଭାଇମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ

ଡାକ୍ତର ଭକ୍ତ ଚରଣ ସେଠି
ବ୍ଲକ ଭେଟନାରୀ ଅଫିସର
ବରୀ ବ୍ଲକ, ଯାଜପୁର


## ୭୦୦ଲୋକଙ୍କ ଆଗରେ ଗୀତ ଗାଇବିନି କହିଥିଲେ ଗାୟିକା: ଇଭେଣ୍ଟ ପ୍ଲାନର

**ମୁମ୍ବାଇ,୩୦/୪(ହି.ସ):** ମାର୍ଚ୍ଚ ମାସରେ ବଲିଉଡ ଗାୟିକା ନେହା କକ୍କର ମେଲବର୍ଣ୍ଣ କନସର୍ଟରେ କାନ୍ଦିଥିବାର ଭିଡିଓ ଭାଇରାଲ ହୋଇଥିଲା। ନେହା ୩ଘଣ୍ଟା ବିଳମ୍ବରେ ପହଞ୍ଚିବା ପରେ ଉପସ୍ଥିତ ଲୋକେ ବିରକ୍ତି ପ୍ରକାଶ କରିଥିଲେ ଏବଂ ତାଙ୍କୁ ଫେରିଯିବାକୁ କହିବାକୁ ଲାଗିଲେ। ଏହା ଶୁଣି ନେହା କାନ୍ଦିବା ସହ କ୍ଷମା ମାଗିଥିଲେ। ତିନି ଘଣ୍ଟା ବିଳମ୍ବରେ ପହଞ୍ଚିଥିବା ଏହି ଗାୟିକା ମଞ୍ଚ ଉପରେ କହିଥିଲେ ଯେ, ଆୟୋଜକମାନେ ମୌଳିକ ସୁବିଧା ଯୋଗାଇ ନଥିଲେ। ଏଥିପାଇଁ ବିଳମ୍ବ ହେଲା। ଏବେ ଅଷ୍ଟ୍ରେଲୀୟ ଇଭେଣ୍ଟପ୍ଲାନର ପେସ୍ ଡି ଏବଂ ବିକ୍ରମ ସିଂହ ରନ୍ଧାୱା ଏବେ ନେହାଙ୍କ ଦାବିକୁ ଅସତ୍ୟ ବୋଲି କହିଛନ୍ତି। ଏକ ସାକ୍ଷାତକାରରେ ସେ କହିଛନ୍ତି, ମେଲବୋର୍ଣ୍ଣର ବିଟ୍ ପ୍ରଡକ୍ସନ୍ ହିଁ ନେହା କକ୍କରଙ୍କୁ ନିମନ୍ତ୍ରଣ କରିଥିଲାୟ ଆମେ ସେଠାରେ ଥିଲୁ ଏବଂ ସବୁକିଛି ଦେଖିଥିଲୁ। ମୁଁ ତାଙ୍କୁ ସବୁକିଛି ପଚାରିଥିଲିୟ ସେ ଜଣେ ବହୁତ ଭଲ ଏବଂ ସଚ୍ଚୋଟ ବ୍ୟକ୍ତି। ତାଙ୍କୁ ପଚାରିବା ପରେ ମୁଁ ଜାଣିବାକୁ ପାଇଲି ଯେ, ନେହା ଠିକ୍ ସମୟରେ ପହଞ୍ଚି ନଥିଲେ ଏବଂ ବିଳମ୍ବ କରିଚାଲିଥିଲେ। ବାରମ୍ବାର କହୁଥିଲେ, 'ମୁଁ ଏବେ ଯିବି ନାହିଁ; ମୁଁ ପ୍ରଦର୍ଶନ କରିବି ନାହିଁ। ୧୫-୧୬ହଜାର ଦେଇ ଲୋକେ ତାଙ୍କୁ ଶୁଣିବାକୁ ଆସିଥିଲେ। ହେଲେ ସେ ୭.୩୦ ପରିବର୍ତ୍ତେ ୧୦ଟାରେ ଆସିଲେ। ଏହା ପରେ କମ୍ ଲୋକ ଥିବା ଦେଖି କହିଲେ, ମାତ୍ର ୭୦୦ ଲୋକ। ଅଧିକ ଲୋକ ନଆସିବା ଯାଏ ମୁଁ ମଞ୍ଚକୁ ଯିବିନାହିଁ। ତାଙ୍କୁ ବହୁତ ବୁଝାଇବାକୁ ପଡ଼ିଥିଲା।













କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik

Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com

Phone-0674-2975387
Mob: 9090962011

ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik